Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 244
Thursday, 12 November 2026
Balasore, Page : 8, ₹ 2/
ବାଲେଶ୍ୱର, ଗୁରୁବାର, ୧୨ ନଭେମ୍ବର, ୨୦୨୬
ପୃଷ୍ଠା: ୮, ମୂଲ୍ୟ: ୨ଟଙ୍କା
Seitho Arambha
Seithoarambha
www.seithoarambha.com

ସୀତୋ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ?
ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ



ସ୍ୱଚ୍ଛତାରେ ରାଜ୍ୟକୁ ଜାତୀୟ ସମ୍ମାନ

ଭୁବନେଶ୍ୱର, ୧୧/୧୧ (ଆ.ପ୍ର) : ସହରାଂଚଳର ପରିମଳ ବ୍ୟବସ୍ଥା, ସ୍ୱଚ୍ଛତା ଓ ସୁଶ୍ରାୟୀ ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ରରେ ଓଡ଼ିଶାର ନିରନ୍ତର ପ୍ରୟାସକୁ ଜାତୀୟ ସ୍ତରରେ ସ୍ୱୀକୃତି ମିଳିଛି । ସ୍ୱଚ୍ଛ ସର୍ବେକ୍ଷଣ ପୁରସ୍କାର ୨୦୨୫-୨୬ରେ ଓଡ଼ିଶାକୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଆଜି ନୂଆଦିଲ୍ଲୀସ୍ଥ ବିଜ୍ଞାନ ଭବନଠାରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କଠାରୁ ରାଜ୍ୟ ପକ୍ଷରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ସ୍ୱଚ୍ଛ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ । ଏହି ସଫଳତାରେ ରାଜ୍ୟର ସହର ଓ ନଗରଗୁଡ଼ିକରେ ସ୍ୱଚ୍ଛତା, ଉନ୍ନତ ପରିମଳ ବ୍ୟବସ୍ଥା, ବର୍ଜ୍ୟବସ୍ତୁର ପୁନଃପ୍ରକ୍ରିୟାକରଣ ଏବଂ ଜନସାଧାରଣଙ୍କ ସକ୍ରିୟ ସହଭାଗିତାର ପ୍ରତିଫଳନ ହୋଇଛି । ଏହି ଜାତୀୟ ସ୍ୱୀକୃତି ଓଡ଼ିଶାର ସ୍ୱଚ୍ଛ, ସୁସ୍ଥ ଓ ବାସଯୋଗ୍ୟ ସହର ଗଠନ ଦିଗରେ ନିରନ୍ତର ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାଟି ।



ସଂସ୍ଥାମାନଙ୍କରେ ଆସିକା ପୌରପାଳିକା ଦ୍ୱିତୀୟ ସ୍ଥାନ ଅଧିକାର କରିଛି । ଏହି ସଫଳତା ରାଜ୍ୟସ୍ତର ସହର ଓ ନଗରଗୁଡ଼ିକରେ ସ୍ୱଚ୍ଛତା, ଉନ୍ନତ ପରିମଳ ବ୍ୟବସ୍ଥା, ବର୍ଜ୍ୟବସ୍ତୁର ପୁନଃପ୍ରକ୍ରିୟାକରଣ ଏବଂ ଜନସାଧାରଣଙ୍କ ସକ୍ରିୟ ସହଭାଗିତାର ପ୍ରତିଫଳନ । ଏହି ଜାତୀୟ ସ୍ୱୀକୃତି ଓଡ଼ିଶାର ସ୍ୱଚ୍ଛ, ସୁସ୍ଥ ଓ ବାସଯୋଗ୍ୟ ସହର ଗଠନ ଦିଗରେ ନିରନ୍ତର ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାଟି । ଏଥିସହ ରାଜ୍ୟ ସରକାର, ସହରାଂଚଳ ସ୍ଥାନୀୟ ସଂସ୍ଥା, ସଫେଇ କର୍ମଚାରୀ ଓ ନାଗରିକମାନଙ୍କର ସମ୍ମିଳିତ ପ୍ରୟାସକୁ ମଧ୍ୟ ଏହା ସ୍ୱୀକୃତି ପ୍ରଦାନ କରିଛି । ସ୍ୱଚ୍ଛତାକୁ ଏକ ଜନଆନ୍ଦୋଳନରେ ପରିଣତ କରିବା ସହ ନାଗରିକଙ୍କ ସହଭାଗିତା ଓ ସାମାଜିକ ଦାୟିତ୍ୱବୋଧ ବୃଦ୍ଧି ଦିଗରେ ଏହି ପ୍ରୟାସ ଗୁରୁତ୍ୱ ବହନ କରୁଛି । ସ୍ୱଚ୍ଛ ଭାରତ ମିଶନ୍-ସହରାଂଚଳ ଅଧୀନରେ ଆୟୋଜିତ ସ୍ୱଚ୍ଛ ସର୍ବେକ୍ଷଣ ପୁରସ୍କାର ୨୦୨୫-୨୬ ଦେଇଛି ଏଥିରେ ବର୍ଣ୍ଣମ ସଂସ୍ଥାଙ୍କ ସହରାଂଚଳ ସ୍ୱଚ୍ଛତା ଓ ପରିମଳ ମୂଲ୍ୟାୟନ କାର୍ଯ୍ୟକ୍ରମ ଭାବେ ପରିଚିତ । ଚଳିତ ବର୍ଷର ବିଷୟବସ୍ତୁ 'ସ୍ୱଚ୍ଛତା ହି ନୟା ପହେଲ୍ – ବଦ୍‌ଲାଏଁ ହାଥ, ଜୋଡ଼େଁ ସଫାଇ ସାଥ୍' ମାଧ୍ୟମରେ ନାଗରିକଙ୍କ ସହଭାଗିତା, ଅନୁଷ୍ଠାନିକ ଉତ୍ତରଦାୟିତ୍ୱ ଏବଂ ସହରଗୁଡ଼ିକ ମଧ୍ୟରେ ସୁସ୍ଥ ପ୍ରତିଯୋଗିତା ଜରିଆରେ ସହରାଂଚଳ ପରିମଳ ବ୍ୟବସ୍ଥାରେ ଗତ ଏକ ଦଶନ୍ଧି ଧରି ଆସିଥିବା ପରିବର୍ତ୍ତନକୁ ଉତ୍ସବ ଭାବେ ପାଳନ କରାଯାଇଛି । ଏହି ପୁରସ୍କାର ସମାରୋହରେ ସ୍ୱତନ୍ତ୍ର ଶାସନ ସଚିବ ତଥା ସ୍ୱଚ୍ଛ ଭାରତ ମିଶନ୍ (ସହରାଂଚଳ)ର ମିଶନ ନିର୍ଦ୍ଦେଶକ ଶ୍ରୀ ବିଜୟ କୁମାର ବାଣ୍ଡ, ଭୁବନେଶ୍ୱର ମହାନଗର ନିଗମର ମେୟର ଶ୍ରୀମତୀ ସୁଲୋଚନା ଦାସ, ଭୁବନେଶ୍ୱର ମହାନଗର ନିଗମର କମିଶନର, ପୁରୀ ମହାନଗର ନିଗମର ପ୍ରତିନିଧି ଏବଂ ଆସିକା ପୌରପାଳିକାର ଅଧ୍ୟକ୍ଷ ଓ ନିର୍ବାହୀ ଅଧିକାରୀଙ୍କ ସମେତ ରାଜ୍ୟ ପ୍ରତିନିଧି ଦଳର ସଦସ୍ୟମାନେ ଉପସ୍ଥିତ ରହି ଏହି ଗୌରବମୟ ଉପଲବ୍ଧିର ଅଂଶୀଦାର ହୋଇଥିଲେ ।

କଟକ ବାଲିଯାତ୍ରା ଉଦଘାଟନ କରିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ



କଟକ, ୧୧/୧୧ (ଆ.ପ୍ର) : ଐତିହାସିକ କଟକ ବାଲିଯାତ୍ରା-୨୦୨୬ ପାଇଁ ପ୍ରସ୍ତୁତି ଚୋରଦାର ହୋଇଛି । ମହାନଦୀ କୂଳରେ ଆୟୋଜିତ ହେବାକୁ ଥିବା ଏହି ଆଠ ଦିବସୀୟ ଯାତ୍ରାରେ ଚଳିତ ଅର୍ଥ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟ ଅତିଥି ହେବେ । ସେ ଆସନ୍ତା ୨୪ ତାରିଖ ସନ୍ଧ୍ୟାରେ ବାଲିଯାତ୍ରାକୁ ଉଦ୍‌ଘାଟନ କରିବେ । କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଗଣମାଧ୍ୟମକୁ ଏହି ସୂଚନା ଦିଆଯାଇଛି । ସୂଚନାଯୋଗ୍ୟ, କଟକ ବାଲିଯାତ୍ରା ଚଳିତ ବର୍ଷ ନଭେମ୍ବର ୨୪ ତାରିଖ ଠାରୁ ଆରମ୍ଭ ହେବ । ଏହି ଯାତ୍ରା ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ଅନ୍ୟ ବର୍ଷ ଭଳି ଏଥରର ବାଲିଯାତ୍ରାକୁ ଉତ୍ସବ କରିବା ପାଇଁ ରାଜ୍ୟ ସରକାର, କଟକ ଜିଲ୍ଲା ପ୍ରଶାସନ ଏବଂ କଟକ ମହାନଗର ନିଗମ ପକ୍ଷରୁ ପ୍ରସ୍ତୁତି ଚାଡ଼ୁ କରିଦିଆଯାଇଛି । ଏଥର ଉପର ପଡ଼ିଆ ସହ ତଳ ପଡ଼ିଆରେ ମଧ୍ୟ ବାଲିଯାତ୍ରା ଆୟୋଜନ କରାଯିବ । ବାଲିଯାତ୍ରାକୁ ଆସୁଥିବା ଲୋକଙ୍କ ସୁବିଧା ପାଇଁ ଗତବର୍ଷ ତୁଳନାରେ ଚଳିତବର୍ଷ ପାର୍କିଂ ବ୍ୟବସ୍ଥା ବଢ଼ାଯିବ । ଭିଡ଼ ନିୟନ୍ତ୍ରଣ ସହ ଯାନବାହନ ପାର୍କିଂକୁ ନେଇ ପ୍ରଶାସନ ପକ୍ଷରୁ ବିଶେଷ ଯୋଜନା କରାଯାଇଛି । ଫଳରେ ଦର୍ଶକଙ୍କ ପାଇଁ ମନୋରଞ୍ଜନର ଉନ୍ନତ ବ୍ୟବସ୍ଥା ରହିବ । ଏଥର ବାଲିଯାତ୍ରାର ଆଉ ଏକ ଆକର୍ଷଣ ହେବ ମହାନଦୀରେ ଜଳକ୍ରୀଡ଼ା । ବାଲିଯାତ୍ରା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ମହାନଦୀରେ ଜଳକ୍ରୀଡ଼ାର ସୁବିଧା ଉପଲବ୍ଧ ରହିବ ବୋଲି କହିଛନ୍ତି ପ୍ରଶାସନ । ତେବେ ବାଲିଯାତ୍ରାରେ ଅଧିକ ଭିଡ଼କୁ ଦୃଷ୍ଟିରେ ରଖି ସୁରକ୍ଷା, ଟ୍ରାଫିକ୍ ଓ ପାର୍କିଂ ବ୍ୟବସ୍ଥାକୁ ସୁଦୃଢ଼ ଦିଆଯାଇଛି । ଚଳିତବର୍ଷ ବାଲିଯାତ୍ରାକୁ ଆହୁରି ଆକର୍ଷଣୀୟ ଓ ଫୁଟାଦ୍ରପ୍ତିର କରିବା ନେଇ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ରହିଛି ।

ପାରା ତୀରନ୍ଦାଜ ପାୟଲ ନାଗଙ୍କୁ ୧୦ ଲକ୍ଷ ଟଙ୍କା ପୁରସ୍କାର



ଭୁବନେଶ୍ୱର, ୧୧/୧୧ (ଆ.ପ୍ର) : ଓଡ଼ିଶାର ପାରା କ୍ରୀଡ଼ାବିତ୍ ପାୟଲ ନାଗଙ୍କୁ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ୧୦ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି । ୫ମ ଏସିଆନ୍ ପାରା ଗେମ୍ସ ୨୦୨୬ରେ ମହିଳା ପାରା କମ୍ପାଉଣ୍ଡ ବଜ୍ୟ ବର୍ଗରେ ପାରା ତୀରନ୍ଦାଜ ପାୟଲ ନାଗ ଗୌପ୍ୟ ପଦକ ହାସଲ କରିଥିଲେ । ଏହି ସଫଳତା ପାଇଁ କଳିଙ୍ଗ ଷ୍ଟାଡିୟମ୍‌ରେ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ ଏବଂ ନିର୍ଦ୍ଦେଶକ ଡ଼ା. ସୁବ୍ରତ ବିଜୟ ପାୟଲଙ୍କୁ ସମ୍ବର୍ଦ୍ଧିତ କରିବା ସହ ୧୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଛନ୍ତି । କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ କହିଛନ୍ତି ଯେ, ୫ମ ଏସିଆନ୍ ପାରା ଗେମ୍ସ ୨୦୨୬ରେ ପାୟଲ ନାଗ ଗୌପ୍ୟ ପଦକ ହାସଲ କରି ଓଡ଼ିଶା ପାଇଁ ଗର୍ବ ଓ ଗୌରବ ଅର୍ଜନ କରିଛନ୍ତି । ପାୟଲଙ୍କ ଏହି ସଫଳତା ଓଡ଼ିଶାର ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ପ୍ରେରଣା ପ୍ରଦାନ କରିଛି । ପାୟଲଙ୍କ ଜଜ୍ବିକ ଭବିଷ୍ୟତର କାମନା କରିବା ସହ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ସାମଗ୍ରିକ ବିକାଶ ଲକ୍ଷ୍ୟରେ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ନିରନ୍ତର ସାହାଯ୍ୟ ଯୋଗାଇ କାର୍ଯ୍ୟ କରାଯାଉଛି ବୋଲି ସଚିବ ଭୂପେନ୍ଦ୍ର ସିଂ ପୁନିଆ କହିଛନ୍ତି ।

ତର୍ତୋରି ଓଡ଼ିଶା ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ



ଭୁବନେଶ୍ୱର, ୧୧/୧୧ (ଆ.ପ୍ର) : ଓଡ଼ିଶା ଏବଂ ଜାପାନର ତୋତୋରି ପ୍ରିଫେକ୍ଚର (ରାଜ୍ୟ) ମଧ୍ୟରେ ଅଂଚଳିକ, ଆର୍ଥିକ, ସାଂସ୍କୃତିକ ଏବଂ ଶିକ୍ଷାଗତ ସମ୍ପର୍କକୁ ଆହୁରି ମଜବୁତ କରିବା ପାଇଁ ଲୋକସେବା ଭବନଠାରେ ଏକ ଐତିହାସିକ 'ମୈତ୍ରୀ ସମ୍ପର୍କ ଚୁକ୍ତି' ସ୍ୱାକ୍ଷରିତ ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ତୋତୋରି ପ୍ରିଫେକ୍ଚର'ର ଗଭର୍ଣ୍ଣର ଶିଗୋ ହିରାଇଙ୍କ ଉପସ୍ଥିତିରେ ଏହି ଦ୍ୱିପାକ୍ଷିକ ବୁଝାମଣା ପତ୍ର ସ୍ୱାକ୍ଷର କରାଯାଇଛି । ଏହି ବୁଝାମଣା ଫଳରେ ଓଡ଼ିଶାର ଯୁବବର୍ଗଙ୍କ ପାଇଁ ବୈଦେଶିକ ନିଯୁକ୍ତି, MSME ଏବଂ ଷ୍ଟାର୍ଟଅପ୍ କ୍ଷେତ୍ରରେ ବିନିଯୋଗ, କୌଶଳ ବିକାଶ ଏବଂ ପର୍ଯ୍ୟଟନର ବ୍ୟାପକ ବିକାଶ ପାଇଁ ନୂତନ ଦିଗ ଉନ୍ମୋଚିତ ହୋଇଛି । ଏହି ଅବସରରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ପ୍ରଥମ ବୁଝାମଣା ପତ୍ରଟି 'ଷ୍ଟାର୍ଟଅପ୍ ଓଡ଼ିଶା' ଏବଂ ତୋତୋରି ପ୍ରିଫେକ୍ଚର ମଧ୍ୟରେ ସ୍ୱାକ୍ଷରିତ ହୋଇଛି, ଯାହା ଦ୍ୱାରା ଉଭୟ ଅଂଚଳ ମଧ୍ୟରେ ବ୍ୟବସାୟିକ, ନିବେଶକ ସଂଯୋଗ ଏବଂ MSME ସଂସ୍ଥାଗୁଡ଼ିକ ମଧ୍ୟରେ ସୁଦୃଢ଼ ସହଯୋଗିତା ଗଢ଼ିଉଠିବ । ଦ୍ୱିତୀୟ ବୁଝାମଣା ପତ୍ରଟି ଓଡ଼ିଶାର 'ଖାଣ୍ଡୁ ଷ୍ଟିଲ୍ ସେଂଟର' ତୋତୋରି ପ୍ରିଫେକ୍ଚର ଏବଂ 'ନିଜନ୍ ଏଜୁକେଟ୍' ମଧ୍ୟରେ ସ୍ୱାକ୍ଷରିତ ହୋଇଛି । ଯାହା ଓଡ଼ିଶାର ଦକ୍ଷ ଯୁବଶକ୍ତି ପାଇଁ ଜାପାନରେ ବୈଦେଶିକ ନିଯୁକ୍ତିର ବ୍ୟାପକ ସୁଯୋଗ ସୃଷ୍ଟି କରିବ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଭାରତ ଏବଂ ଜାପାନ ମଧ୍ୟରେ ଗଭୀର ବିଶ୍ୱାସ, ପରସ୍ପର ପ୍ରତି ସମ୍ମାନ ଏବଂ ବହୁ ପୁରାତନ ସଭ୍ୟତାଗତ ସମ୍ପର୍କ ରହିଛି । ଆଜିର ଏହି ମୈତ୍ରୀ ଚୁକ୍ତି ଓଡ଼ିଶା ଏବଂ ତୋତୋରି ମଧ୍ୟରେ ସେହି ଐତିହାସିକ ସମ୍ପର୍କକୁ ପ୍ରାଦେଶିକ ସ୍ତରକୁ ନେଇ ଏ ସମ୍ପର୍କକୁ ଆହୁରି ଗଭୀର କରିବା ସହିତ ଦୁଇ ଅଂଚଳର ଜନସାଧାରଣ, ଅନୁଷ୍ଠାନ ଓ ସମୁଦାୟକୁ ନିକଟତର କରିବ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଜାପାନୀ ଶିଳ୍ପ ସଂସ୍ଥାଗୁଡ଼ିକ ଓଡ଼ିଶାର ଶିଳ୍ପ ଇକୋ-ସିଷ୍ଟମ ଉପରେ ଗଭୀର ଆସ୍ଥା ପ୍ରକଟ କରିଛନ୍ତି । ଏହି ସଂସ୍ଥାଗୁଡ଼ିକ ରାଜ୍ୟକୁ ନୂତନ ପୁଞ୍ଜିନିବେଶ, ଆଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ଓଡ଼ିଆ ଯୁବବର୍ଗଙ୍କ ପାଇଁ ବ୍ୟାପକ କର୍ମସଂସ୍ଥାନର ସୁଯୋଗ ଆଣିଦେଇଛନ୍ତି । ସ୍ୱାକ୍ଷରିତ ହୋଇଥିବା ଏହି ଚୁକ୍ତି ଦୁଇ ଅଂଚଳ ମଧ୍ୟରେ ଜ୍ଞାନ, ସଂସ୍କୃତି, ବିଶ୍ୱାସ ଏବଂ ସୁଯୋଗର ଏକ ଜୀବନ୍ତ ସେତୁ ପାଲଟିବ, ଯାହା ଆଗାମୀ ଅନେକ ପିଢ଼ି ପର୍ଯ୍ୟନ୍ତ ଦୁଇ କାରିଗରୀ ଶିକ୍ଷା କ୍ଷେତ୍ରରୁ ଅଧିକ ଆଗକୁ ନେଇଯିବ ।ଓଡ଼ିଶାର ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ ଯେ ପ୍ରଯୁକ୍ତିବିଦ୍ୟା ସହଯୋଗିତା, ଯୁଗ୍ମ ଉଦ୍ୟମ ବିକାଶ, ଉତ୍ପାଦନ ସଂଯୋଗ, କଳାର ପ୍ରବେଶ ଏବଂ ଉତ୍ତମ ବ୍ୟବସାୟିକ ପଦ୍ଧତିର ବିନିମୟ ମାଧ୍ୟମରେ ଓଡ଼ିଶାର MSME ଓ ଷ୍ଟାର୍ଟଅପ୍‌ଗୁଡ଼ିକ ତୋତୋରି ସହିତ ଗୁରୁତ୍ୱପୂର୍ଣ୍ଣ ବ୍ୟବସାୟିକ ସମ୍ପର୍କ ଗଢ଼ିତୋଳିବାର ବ୍ୟାପକ ସମ୍ଭାବନା ରହିଛି । ଏହି କାର୍ଯ୍ୟକ୍ରମରେ କୋଇକାଚାପ୍ରିଡ ଜାପାନର ଜନୁଜ୍-ଜେନେରାଲ୍ ମିଲ୍ସର ରଶ୍ମିରାଖା ଯୋସିହିଂସା, ଓଡ଼ିଶାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇଥିବାବେଳେ ଶିଳ୍ପ ବିଭାଗ ନିର୍ଦ୍ଦେଶିକା ଆତୋଇ ସୁନୀତା ନରାବନେ ଧନ୍ୟବାଦ ଦେଇଥିଲେ ।

ବିମୁଦ୍ରୀକରଣକୁ ନେଇ ବିଜେପିକୁ ଘେରିଲେ ଅଖିଳେଶ



ନୂଆଦିଲ୍ଲୀ, ୧୧/୧୧ (ନ୍ୟୁ.ଏ) : ବିମୁଦ୍ରୀକରଣ୍ଠାରୁ ଆରମ୍ଭ କରି ଗୋଟର ତାଲିକାରୁ ନାମ ବାଦ୍ ଯିବା ପର୍ଯ୍ୟନ୍ତ ସମସ୍ତ ଅଯୋଧ୍ୟା ଘଟ୍ଟ ପର୍ଯ୍ୟନ୍ତ । ବିଭିନ୍ନ ପ୍ରସଙ୍ଗରେ ବିଜେପିକୁ ଘେରିଛନ୍ତି ସମାଜବାଦୀ ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅଖିଳେଶ ଯାଦବ । ବିମୁଦ୍ରୀକରଣର ବାର୍ଷିକୀ ଅବସରରେ ଲେହ୍ ସରକାରଙ୍କ ଅର୍ଥନୈତିକ ନୀତିକୁ ସମାଲୋଚନା କରିବା ସହ ଏହି ନିଷ୍ପତ୍ତିକୁ ଦେଶର ଜନିସାଧାରଣ ସବୁଠୁ ବଡ଼ ଦୁର୍ଦ୍ଦୀତି ବୋଲି ଅଭିହିତ କରିଛନ୍ତି । ଏଥିସହ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ସରକାରୀ ଲକ୍ଷ୍ୟକୁ ମଧ୍ୟ କଟାକ୍ଷ କରିଛନ୍ତି । ଅଖିଳେଶ କହିଛନ୍ତି, ବିମୁଦ୍ରୀକରଣ ସମୟରେ ସରକାର ଯେଉଁସବୁ ପ୍ରତିଶ୍ରୁତି ଦେଇଥିଲେ, ସେଥିରୁ ଗୋଟିଏ ମଧ୍ୟ ପୂରଣ ହୋଇନାହିଁ । ଏହି ନିଷ୍ପତ୍ତି ଯୋଗୁଁ ଘରିବ ଲୋକ, ଛୋଟ ବ୍ୟବସାୟୀ ଓ କ୍ଷୁଦ୍ର ଉଦ୍ୟୋଗ ସବୁଠାରୁ ଅଧିକ କ୍ଷତି ସହିଛନ୍ତି । ବିମୁଦ୍ରୀକରଣ ନାଁରେ ବ୍ୟାଙ୍କ ବ୍ୟବସ୍ଥାକୁ ମଧ୍ୟ କ୍ଷତି ପଙ୍କଚାୟାଥିବା ସେ ଅଭିଯୋଗ କରିଛନ୍ତି । ଏହି ପ୍ରସଙ୍ଗରେ ବିଜେପି ସହ ଖୋଲା ବିତର୍କ କରିବାକୁ ମଧ୍ୟ ଆହ୍ୱାନ ଦେଇଛନ୍ତି । ସେହିପରି ୨୦୪୭ ସୁଦ୍ଧା ଭାରତକୁ ବିକଶିତ ରାଷ୍ଟ୍ର କରିବାର ସରକାରୀ ଲକ୍ଷ୍ୟକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି । ତାଙ୍କ ମତରେ, ବିକଶିତ ଭାରତର ସ୍ଲୋଗାନ ଓ ଦେଶର ଅର୍ଥନୈତିକ ବାସ୍ତବତା ମଧ୍ୟରେ ବଡ଼ ପାର୍ଥକ୍ୟ ରହିଛି । ଲୋଟର ତାଲିକାରୁ ପ୍ରାୟ ୧ କୋଟି ୨୨ ଲକ୍ଷ ନାମ ବାଦ୍ ପଡ଼ିଥିବା ତାଲିକୁ ନେଇ ମଧ୍ୟ ଅଖିଳେଶ ବିଜେପିକୁ ଘେରିଛନ୍ତି । ଏହି ସଂଖ୍ୟାକୁ ଆଧାର କରି ସେ ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇଛନ୍ତି । ସମାଜବାଦୀ ପାର୍ଟି ପକ୍ଷରୁ ଏନେଇ ଅନେକ ପ୍ରସ୍ତାବ ଦିଆଯାଇଥିବା କହି ସେଗୁଡ଼ିକୁ ଲାଗୁ କରିବାକୁ ଦାବି କରିଛନ୍ତି । ତାଙ୍କ ପ୍ରସ୍ତାବ ଅନୁସାରେ, ଲୋଟର ପରିଚୟପତ୍ରକୁ ଆଧାର ସହ ସଂଯୋଗ କରିବା, ଜାଗର ଜିୟା ପ୍ଲାଷ୍ଟିକ୍ ବଦଳରେ କଳଜି କରିବା ଜଷ୍ଟରର ଦେବା ଭଳି ମୋବାଇଲ୍ ଜାର୍ଡ ଦେବା ଏବଂ ଭୋଟ୍ ଦେବା ସମୟରେ ପିଙ୍କଗ୍ରପ୍ରିଣ୍ଟ୍ ଜିୟା ଆଙ୍ଗୁଠ ଚାୟାମେଟ୍ରିକ୍ ସାଂଚ ବ୍ୟବସ୍ଥା ଲାଗୁ କରିବା ଉଚିତ । ଏହାଦ୍ୱାରା ନକଲି ଭୋଟିଂ ରୋକାଯଇପାରିବ ବୋଲି ସେ ଯୁକ୍ତି ରଖିଛନ୍ତି । ବିଜେପି ଏହି ପ୍ରସ୍ତାବ ଲାଗୁ କରିବାକୁ ଚାହୁଁନଥିବା ମଧ୍ୟ ଅଖିଳେଶ ଅଭିଯୋଗ କରିଛନ୍ତି । ରାଜନୈତିକ ମୁକାବିଲାକୁ ନେଇ ଅଖିଳେଶ କହିଛନ୍ତି, ଏଥା ୮୦-୨୦ର ଲଢ଼େଇ ନୁହେଁ, ବରଂ ୯୫-୫ର ଲଢ଼େଇ । ବଜାୟ କର୍ମୀମାନେ ଭୋଟର ତାଲିକା ସଂଶୋଧନ ଓ ସାଂଚ କାର୍ଯ୍ୟରେ ଭଲ କାମ କରିଥିବା କହିବା ସହ ଏବେ ପ୍ରକୃତ ଲଢ଼େଇ ମତଦାନ କେନ୍ଦ୍ରରେ ହେବ ବୋଲି କହିଛନ୍ତି । ଡେପୁଟି ମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟଙ୍କ ଭୋଟର ତାଲିକା ସଂଶୋଧନ ଓ ଦେଶର ଅର୍ଥନୈତିକ ବାସ୍ତବତା ମଧ୍ୟରେ ବଡ଼ ପାର୍ଥକ୍ୟ ରହିଛି । ବିମୁଦ୍ରୀକରଣ ନାଁରେ ବ୍ୟାଙ୍କ ବ୍ୟବସ୍ଥାକୁ ମଧ୍ୟ କ୍ଷତି ପଙ୍କଚାୟାଥିବା ସେ ଅଭିଯୋଗ କରିଛନ୍ତି । ଏହି ପ୍ରସଙ୍ଗରେ ବିଜେପି ସହ ଖୋଲା ବିତର୍କ କରିବାକୁ ମଧ୍ୟ ଆହ୍ୱାନ ଦେଇଛନ୍ତି । ସେହିପରି ୨୦୪୭ ସୁଦ୍ଧା ଭାରତକୁ ବିକଶିତ ରାଷ୍ଟ୍ର କରିବାର ସରକାରୀ ଲକ୍ଷ୍ୟକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି । ତାଙ୍କ ମତରେ, ବିକଶିତ ଭାରତର ସ୍ଲୋଗାନ ଓ ଦେଶର ଅର୍ଥନୈତିକ ବାସ୍ତବତା ମଧ୍ୟରେ ବଡ଼ ପାର୍ଥକ୍ୟ ରହିଛି । ଲୋଟର ତାଲିକାରୁ ପ୍ରାୟ ୧ କୋଟି ୨୨ ଲକ୍ଷ ନାମ ବାଦ୍ ପଡ଼ିଥିବା ତାଲିକୁ ନେଇ ମଧ୍ୟ ଅଖିଳେଶ ବିଜେପିକୁ ଘେରିଛନ୍ତି । ଏହି ସଂଖ୍ୟାକୁ ଆଧାର କରି ସେ ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇଛନ୍ତି । ସମାଜବାଦୀ ପାର୍ଟି ପକ୍ଷରୁ ଏନେଇ ଅନେକ ପ୍ରସ୍ତାବ ଦିଆଯାଇଥିବା କହି ସେଗୁଡ଼ିକୁ ଲାଗୁ କରିବାକୁ ଦାବି କରିଛନ୍ତି । ତାଙ୍କ ପ୍ରସ୍ତାବ ଅନୁସାରେ, ଲୋଟର ପରିଚୟପତ୍ରକୁ ଆଧାର ସହ ସଂଯୋଗ କରିବା, ଜାଗର ଜିୟା ପ୍ଲାଷ୍ଟିକ୍ ବଦଳରେ ନକଲି କରିବା ଜଷ୍ଟରର ଦେବା ଭଳି ମୋବାଇଲ୍ ଜାର୍ଡ ଦେବା ଏବଂ ଭୋଟ୍ ଦେବା ସମୟରେ ପିଙ୍କଗ୍ରପ୍ରିଣ୍ଟ୍ ଜିୟା ଆଙ୍ଗୁଠ ଚାୟାମେଟ୍ରିକ୍ ସାଂଚ ବ୍ୟବସ୍ଥା ଲାଗୁ କରିବା ଉଚିତ । ଏହାଦ୍ୱାର

ସେଇଠୁ ଆରମ୍ଭ
SEITHO ARAMBHA
ଗୁରୁବାର, ୧୨ ନଭେମ୍ବର, ୨୦୨୬ : ଭାଲେଶ୍ୱର : ପୃଷ୍ଠା -୨



କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ସମସ୍ତ ଯୋଗ୍ୟ ହିତାଧିକାରୀ ତତ୍କାଳ ଭତା ପାଇବାର ଯୁଗ ଆରମ୍ଭ : ସନ୍ତୋଷ ଖଟୁଆ

ଭୁବନେଶ୍ୱର, ୧୧/୧୧ (ଆ.ପ୍ର) : ରାଜ୍ୟକୁ ବିକଶିତ କରିବାକୁ ହେଲେ ସରକାରଙ୍କ ଯୋଜନାକୁ ଜନସାଧାରଣଙ୍କ ଆଗରେ ସର୍ବଦ୍ୟାପୀ, ସର୍ବସ୍ପର୍ଶୀ ଏବଂ ଅନ୍ତେ୍ୟାଦୟ ହେବା ଉଚିତ୍। ୨୦୨୪ରେ ସରକାର ଆସିବା ପରେ ସରକାରଙ୍କ ସମସ୍ତ ଯୋଜନା ସର୍ବସ୍ପର୍ଶୀ, ସର୍ବବ୍ୟାପୀ ଓ ଅନ୍ତେ୍ୟାଦୟ କରିବାକୁ ଆମେ ସବାସର୍ବଦା ଚେଷ୍ଟିତ ଅଛୁ। ସାମାଜିକ ସୁରକ୍ଷା ତଥା ଜିନ୍ସମ ସଶକ୍ତିକରଣ ଏକ ସମ୍ବେଦନଶୀଳ ବିଭାଗ ଅଟେ। ଏହି ପ୍ରସଙ୍ଗକୁ ନେଇ ରାଜନୀତି କରିବା ଅନୁଚିତ୍ ଅଟେ। ସାମାଜିକ ସୁରକ୍ଷା ତଥା ଜିନ୍ସମ ସଶକ୍ତିକରଣ ଏକ ସମ୍ବେଦନଶୀଳ ବିଭାଗ ଅଟେ। ଏହି ପ୍ରସଙ୍ଗକୁ ନେଇ ରାଜନୀତି କରିବା ଅନୁଚିତ୍ ଅଟେ। ସାମାଜିକ ସୁରକ୍ଷା ତଥା ଜିନ୍ସମ ସଶକ୍ତିକରଣ ବିଭାଗ

ସମ୍ବାଦପତ୍ର
ଆରମ୍ଭ
SEITHO ARAMBHA
ଗୁରୁବାର, ୧୨ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

AFFIDAVIT

By virtue of an affidavit sworn before the Executive magistrate Basudevpur, DATED-11.11.2026, I Pratima Bandha , W/O Balaram Bandha, VILLAGE/ Brajanandapur PO-Govindpur P.S Naikanidihi, Dist-Bhadrak, State - Odisha, pin -756164, declare that I have changed the name of my son from KRISHNA BANDHA to KISHORE BANDHA. Henceforth, he shall be known as KISHORE BANDHA for all purposes.

S/D- PRATIMA BANDHA

ନୀଳରକ୍ତ କଙ୍କଡ଼ା ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ପାଂଚ ଦଫା ଦାବିପତ୍ର
ବାଲେଶ୍ୱରରେ ଅଭୟାରଣ୍ୟ ଓ ଜାତୀୟ ଗବେଷଣା ପ୍ରତିଷ୍ଠାନ ସ୍ଥାପନ ଉପରେ ଗୁରୁତ୍ୱ



ବାଲେଶ୍ୱର, ୧୧/୧୧ (ଆ.ପ୍ର) : ବାଲେଶ୍ୱର ଉପକୂଳର ବିରଳ ସାମୁଦ୍ରିକ ଜୀବ ନୀଳରକ୍ତ କଙ୍କଡ଼ାର ସୁରକ୍ଷା ଓ ସଂରକ୍ଷଣ ପାଇଁ ରାଜ୍ୟ ସରକାରଙ୍କ ନିକଟରେ ପାଂଚ ଦଫା ଦାବି ଉପସ୍ଥାପନ କରାଯାଇଛି । 'ନୀଳରକ୍ତ କଙ୍କଡ଼ା ଓ ସାମୁଦ୍ରିକ ଜୈବ ସୁରକ୍ଷା ମଂଚ, ବାଲେଶ୍ୱର' ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବାଲେଶ୍ୱର ଗସ୍ତ ଅବସରରେ ନୀଳଗିରି ସର୍କିଟ ହାଉସ ପରିସରରେ ଏହି ଦାବିପତ୍ର ପ୍ରଦାନ କରାଯାଇଛି । ବାଲେଶ୍ୱର ଉପକୂଳକୁ ନୀଳରକ୍ତ କଙ୍କଡ଼ା ସଂରକ୍ଷଣ ଓ ସାମୁଦ୍ରିକ ଜୈବ ବିବିଧତା ଗବେଷଣାର ଜାତୀୟସ୍ତରୀୟ କେନ୍ଦ୍ର ଭାବେ ଗଢ଼ିତୋଳିବା ଏହି ଦାବିର ମୁଖ୍ୟ ଉଦ୍ଦେଶ୍ୟ । ଏହି ପ୍ରାଚୀନ ସାମୁଦ୍ରିକ ଜୀବର ନୀଳ ରକ୍ତରେ ଥିବା ବିଶେଷ ଜୈବିକ ଉପାଦାନ ଔଷଧ ନିର୍ଯାତା ପ୍ରତାଶ୍ରଣ ଓ ଜୈବଚିକିତ୍ସା ବିଜ୍ଞାନରେ ବିଶେଷ ଗୁରୁତ୍ୱ ବହନ କରେ । ଏଥିସହ ସାମୁଦ୍ରିକ ପରିବେଶର ସନ୍ତୁଳନ ଓ ଖାଦ୍ୟଶୃଙ୍ଖଳା ରକ୍ଷାରେ ମଧ୍ୟ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ମଂଚ ପକ୍ଷରୁ ଉପସ୍ଥାପିତ ପାଂଚ ଦଫା ଦାବି ମଧ୍ୟରେ ବାଲେଶ୍ୱର ଉପକୂଳରେ ନୀଳରକ୍ତ କଙ୍କଡ଼ାର ପ୍ରାକୃତିକ ଆବାସ ଓ ପ୍ରଜନନ କ୍ଷେତ୍ରକୁ ବୈଜ୍ଞାନିକ ସର୍ବେକ୍ଷଣ ମାଧ୍ୟମରେ ଚିହ୍ନଟ କରି ସ୍ୱତନ୍ତ୍ର ଅଭୟାରଣ୍ୟ ଘୋଷଣା, ଓଡ଼ିଶାର ବିଦ୍ୟାଳୟ ପାଠ୍ୟକ୍ରମରେ ଏହାର ଜୈବିକ ଓ ବୈଜ୍ଞାନିକ ଗୁରୁତ୍ୱ ସହ ସଂରକ୍ଷଣ ସମ୍ପର୍କିତ ବିଷୟ ସାମିଲ, ଏହାକୁ ରାଜ୍ୟର 'ଜୀବନ୍ତ ପ୍ରାକୃତିକ ଐତିହ୍ୟ' ଭାବେ ମାନ୍ୟତା ପ୍ରଦାନ ଏବଂ ବାଲେଶ୍ୱରଠାରେ ଜାତୀୟ ନୀଳରକ୍ତ କଙ୍କଡ଼ା ଗବେଷଣା ଓ ସଂରକ୍ଷଣ ପ୍ରତିଷ୍ଠାନ ସ୍ଥାପନ ଅନ୍ତର୍ଗତ ରହିଛି । ପ୍ରସ୍ତାବିତ ଜାତୀୟ ପ୍ରତିଷ୍ଠାନ ଅଧ୍ୟୟନରେ ଅତ୍ୟାଧୁନିକ ଗବେଷଣା ପ୍ରୟୋଗଶାଳା, ବୈଜ୍ଞାନିକ ପ୍ରଜନନ ଓ ପୁନଃଆବାସ କେନ୍ଦ୍ର, ଜୈବଚିକିତ୍ସା ଗବେଷଣା କେନ୍ଦ୍ର ଏବଂ ପ୍ରଶିକ୍ଷଣ ଓ ଜନସଚେତନତା କେନ୍ଦ୍ର ସ୍ଥାପନ ପାଇଁ ଦାବି କରାଯାଇଛି । ଏଥିସହ ଏହି ଜୀବର ସୁରକ୍ଷା ଓ ଗବେଷଣା ନିମନ୍ତେ ରାଜ୍ୟ ବଜେଟ୍‌ରେ ସ୍ୱତନ୍ତ୍ର ଅର୍ଥ ବରାଦ ଏବଂ ବିଶେଷଜ୍ଞ ବୈଜ୍ଞାନିକ, ପରିବେଶବିତ୍, ସରକାରୀ ଅଧିକାରୀ ଓ ସ୍ଥାନୀୟ ପ୍ରତିନିଧିଙ୍କୁ ନେଇ ରାଜ୍ୟସ୍ତରୀୟ କାର୍ଯ୍ୟକାରୀ କମିଟି ଗଠନ ପାଇଁ ମଧ୍ୟ ଦାବି ରଖାଯାଇଛି । ମଂଚର ମତ ଅନୁଯାୟୀ, ବାଲେଶ୍ୱରରେ ଏଭଳି ଏକ ଜାତୀୟସ୍ତରୀୟ କାର୍ଯ୍ୟକାରୀ ପ୍ରତିଷ୍ଠାନ ସ୍ଥାପନ ହେଲେ ନୀଳରକ୍ତ କଙ୍କଡ଼ାର ସଂରକ୍ଷଣ ସହ ସାମୁଦ୍ରିକ ଜୈବ ବିବିଧତା ଗବେଷଣାକୁ ନୂତନ ଦିଗ ମିଳିବ । ଏହାଦ୍ୱାରା ଉନ୍ନତିଶୀଳ, ବୈଜ୍ଞାନିକ ଗବେଷଣା, ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି ଓ ଜ୍ଞାନଭିତ୍ତିକ ଅର୍ଥନୀତିର ବିକାଶ ପାଇଁ ମଧ୍ୟ ନୂତନ ସୁଯୋଗ ସୃଷ୍ଟି ହୋଇପାରିବ । ଏହି ଅବସରରେ ମଂଚର ମୁଖ୍ୟ ଉପଦେଷ୍ଟା ଡ. ସିଦ୍ଧାର୍ଥ ପଟି, ସଭାପତି ଶିଶୁ ବାସୁ ଓ ସମ୍ପାଦକ ଡ. ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳଙ୍କ ସମେତ ଜଡି ସୁଧାକର ସେଠୀ, ଡ. ସନାତନ ବୁଢ଼ୁ, ଅବନୀ ଜେନା ଓ ଦେବାଶିଷ ପଟି ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଉପହାର, ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ସହ ଦାବିପତ୍ର ହସ୍ତାନ୍ତର କରିଥିଲେ । ଏଥିସହ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ୨୨ ତମ ଜନ୍ମଦିନ ଅବସରରେ ମଂଚ ପକ୍ଷରୁ ଶୁଭେଚ୍ଛା ଜଣାଯାଇଥିଲା । ଦାବିପତ୍ର ପ୍ରଦାନ ସମୟରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିହା, ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ନାଳଗିରି ବିଧାୟକ ସନ୍ତୋଷ ଋତୁଆଙ୍କ ସମେତ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । "ନୀଳରକ୍ତ କଙ୍କଡ଼ାର ସୁରକ୍ଷା ହେଉ, ସାମୁଦ୍ରିକ ଜୈବ ବିବିଧତା ସମୃଦ୍ଧ ହେଉ ଏବଂ ବାଲେଶ୍ୱରର ପ୍ରାକୃତିକ ଐତିହ୍ୟ ଜାତୀୟ ଓ ବିଶ୍ୱସ୍ତରରେ ନୂତନ ପରିଚୟ ଲାଭ କରୁ" ବୋଲି ମଂଚ ପକ୍ଷରୁ ଆହ୍ୱାନ ଦିଆଯାଇଛି ।

ଭୋଗରାଇରେ ଶୁଭ ଉଦଘାଟିତ ହେଲା ଓଡ଼ିଆ ଚଳଚ୍ଚିତ୍ର 'ମନଷ୍କାର'



ଭୋଗରାଇ, ୧୧/୧୧ (ଆ.ପ୍ର) : ଆଜିର ଡିଜିଟାଲ ଯୁଗରେ ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣ କଡିବା ବିଶେଷଜ୍ଞାନେ ଆର୍ଥିକ କ୍ଷତିଗ୍ରସ୍ତ ହେବା ସହିତ ଜଳଜାଲରଙ୍କ ଜୀବନ ଦୁର୍ବିସହ ହୋଇଛି । ଚଳଚ୍ଚିତ୍ର ନିର୍ମାଣରେ ପ୍ରଯୋଜକଙ୍କ ନିମନ୍ତେ ଆର୍ଥିକ ବୋଝ ହୋଇଥିବା ତେବେ ଚଳିତ ଜଳାକାରଙ୍କ ନିଜ ଭିତରେ ପ୍ରତିଯୋଗିତା ଦେଇଥିବାରୁ ଓଡ଼ିଆ ଚଳଚ୍ଚିତ୍ର ଏବେ ଅଂଟା ସଜଖ ଛିଡ଼ାହେବା କଠିନର ହୋଇପଡ଼ିଛି । ଏଭଳି ସ୍ଥିତିରେ ବାଲେଶ୍ୱର ଜିଲାରେ ସିନେମାଳର ଗୁଡ଼ିକ ଲାଜି ଦୂରମାର ହୋଇଥିବାବେଳେ ଓଡ଼ିଆ ସିନେମାକୁ ଜଳାଚିତ ଦର୍ଶକମାନଙ୍କ ଏଡିସ୍ୟ ଜାତୀୟ ଓ ବିଶ୍ୱସ୍ତରରେ ନୂତନ ପରିଚୟ ଲାଭ କରୁ" ବୋଲି ମଂଚ ପକ୍ଷରୁ ଆହ୍ୱାନ ଦିଆଯାଇଛି । ଏହାରି ମଧ୍ୟରେ ଭୋଗରାଇ ବ୍ଲକ ଆନାଳକ ସ୍ଥିତ ଆନନ୍ଦ ବଜାରରେ ଅସ୍ଥାୟୀ ସିନେମା ହଲରେ ବୁଧବାର ଶୁଭ ଉଦଘାଟନ ହୋଇଛି । ବାଲେଶ୍ୱର ଜିଲାର ବିଜିନ୍ନ ଐତିହାସିକ ସ୍ଥାନ, ସୁବର୍ଣ୍ଣରେଖା ଓ ଚାଲସାରୀ ଉପକୂଳର ପ୍ରାକୃତିକ ସୌନ୍ଦର୍ଯ୍ୟ, ପୁଷ୍ପ୍ୟାତ ଶୈବପୀଠ ବାବା କୃଷ୍ଣଶେଶ୍ୱର, ବାବା ବଟମେଶ୍ୱାରପୀଠ, ମା' ବାଣ୍ଡୁନୀ ଶକ୍ତିପୀଠ, ରାୟ ମହାଶୟ ଗଡ଼, ଭାଇଚଣ୍ଡୀଆ ଦୁର୍ଗ, ପ୍ରାଚୀନ ମନ୍ଦିରର କାଠିରାଜି ଏବଂ ଓଡ଼ିଶାର ବିଜିନ୍ନ ସ୍ଥାନର ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ସ୍ଥାନ ଗୁଡ଼ିକ ବିଶେଷଭାବେ ଏହି ଚଳଚ୍ଚିତ୍ରରେ ପ୍ରଦର୍ଶିତ ହୋଇଛି । ଓଡ଼ିଶାର ସଂସ୍କୃତି ଓ କଳାକୁ ଲୋକମାନଙ୍କର ଆଦୃତ ରାତି ଏହି ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଛି । ଭୋଗରାଇରେ ପ୍ରଥମ ଥର ପାଇଁ ୩ଡ଼ି ସିନେମା ହଲ୍ ନଥିବା ବେଳେ ମାତ୍ର ୧୫ ଦିନ ପାଇଁ ଉକ୍ତ ଅସ୍ଥାୟୀ ସିନେମା ହଲରେ ମନଷ୍କାର ଓଡ଼ିଆ ସିନେମା ଲୋକଙ୍କୁ ଆକୃଷ୍ଟ କରିବ ବୋଲି ବୁଦ୍ଧିଜୀବୀମାନେ ମତ ରଖିଛନ୍ତି । ପ୍ରତ୍ୟୁଷର ଦେବରାଜ ବିଧାର, ଭାଇକେରେ ସୁଧାଂଶୁ ମୋହନ ସାହୁ, ନୟିକା ଦିବ୍ୟଜ୍ୟୋତି ମହାପାତ୍ର, ନୟକ ଅବିଦ୍ୟା ମଲ୍ଲାପାତ୍ର ପ୍ରମୁଖ ବିଶିଷ୍ଟ କଳାକାର ମାନେ ଏହି ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି । ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାଶ ଓ ଅନ୍ୟ ଦାଶ ଫାଉଣ୍ଡେସନର କାର୍ଯ୍ୟକାରୀ ସଭାପତି ଇଂ. ଅଜିତେ ଦାଶ ଉକ୍ତ ସିନେମାକୁ ଉଦଘାଟନ କରିଥିବାବେଳେ ବିଜ୍ଞିତ ପ୍ରଶାନ୍ତ କୁମାର ମହାଶୟ, ବିଶିଷ୍ଟ ସମାଜସେବୀ ଗଣପତି ରିଜିଙ୍କ ସହିତ ଚଳଚ୍ଚିତ୍ରର ପ୍ରମୁଖ ପରିଚାଳକ ମାନେ ଉପସ୍ଥିତ ଥିଲେ ।

ସରକାରୀ କାମରେ ଅନିୟମିତତା ଅଭିଯୋଗ, କନିଷ୍ଠ ଯନ୍ତ୍ରୀଙ୍କୁ ଘେରିଲେ ପଂଚାୟତବାସୀ



ଇଙ୍ଗେଶ୍ୱର, ୧୧/୧୧ (ଆ.ପ୍ର) : 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନାରେ ପ୍ରକଳ୍ପ ନିର୍ମାଣକୁ ନେଇ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକର ବାଲିକୁଟି ପଂଚାୟତରେ ଚଣାଘଟରା ଦେଖିବାକୁ ମିଳିଛି । କାମ ବଂଟନକୁ ନେଇ ଉତ୍ତୟ ଶାସକ ଦଳ ଏବଂ ପୁରା ବିରୋଧୀ ଦଳର କର୍ମୀ ଓ ସମର୍ଥକଙ୍କ ମଧ୍ୟରେ ଗୋଷ୍ଠୀଦ୍ୱନ୍ଦ୍ୱ ଦେଖାଦେଇଛି । ପୁରା ବିରୋଧୀ ଦଳର କର୍ମୀ ଏବଂ କିଛି ପଂଚାୟତବାସୀଙ୍କ ଅଭିଯୋଗ ଅନୁଯାୟୀ, ବାଲିକୁଟି ପଂଚାୟତରେ ମହିଳା ସରପଂଚ ଯଶୋଦାମଣି ଧଳ ଏବଂ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନାର ସମସ୍ତ ପ୍ରକଳ୍ପ ନିର୍ମାଣ ଦାୟିତ୍ୱ କନିଷ୍ଠ ଯନ୍ତ୍ରୀ ଜୟନ୍ତ କୁମାର ନୟାଙ୍କ ଉପରେ ନ୍ୟସ୍ତ ରହିଛି । ମାତ୍ର ପ୍ରକଳ୍ପ ନିର୍ମାଣ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ଜୟନ୍ତ କୁମାର ନୟାଙ୍କ ଇଚ୍ଛା ଜଣାଇ ଶାସକ ଦଳର ପଂଚାୟତ ସଭାପତି ରାମକୃଷ୍ଣ ପ୍ରଧାନଙ୍କ ଇସାରାରେ ଶାସକ ଦଳର କର୍ମୀମାନେ ଦାୟିତ୍ୱ ଦେଇଥିବା ଅଭିଯୋଗ ହୋଇଛି । ନିର୍ମାଣ ହୋଇଥିବା ବିଭିନ୍ନ ପ୍ରକଳ୍ପରେ ଅନିୟମିତତା ଅଭିଯୋଗ ଆଣି ଗ୍ରାମପଂଚାୟତର ମହିଳା ସରପଂଚ ଯଶୋଦାମଣି ଧଳ ଏବଂ ପଂଚାୟତବାସୀ କହିଛନ୍ତି ଯେ, ପଂଚାୟତର ଛତ୍ରା ଗ୍ରାମରେ ୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ରାସ୍ତା ସହିତ କଲଭର୍ଟ ନିର୍ମାଣ ହେବା କଥା । ମାତ୍ର କଣ୍ଟ୍ରାକ୍ଟର ସଠିକ୍ ଭାବରେ ନିର୍ମାଣ ହୋଇ ନ ଥିବା ସହ ରାସ୍ତାର କାମ ମଧ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି । ଠିକ୍ ସେହିପରି ପଂଚାୟତର ମହାବଦା ଗ୍ରାମରେ ଶ୍ରୀଜାନ୍ତ ସାହୁଙ୍କ ଘରଠାରୁ ପ୍ରାଥମିକ ବିଦ୍ୟାଳୟ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ୩ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ବେଳେ ଅଳମାଢିଆଠାରୁ ମାଝାଡା ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ମଧ୍ୟ ୩ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା । ମାତ୍ର ନିର୍ଦ୍ଧାରିତ ସ୍ଥାନରେ କାମ ନ କରି ଅନ୍ୟ ସ୍ଥାନରେ ରାସ୍ତା ନିର୍ମାଣ କରାଯିବା ସହ ପୁରୁଣା ପକ୍କା ରାସ୍ତା ଉପରେ ମରାମତି କରାଯାଇଥିବା ଅଭିଯୋଗ ହୋଇଛି । ସେହିପରି ବାଲିକୁଟି ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିଦ୍ୟାଳୟର ପ୍ରଧାନଶିକ୍ଷକ ଏବଂ କମିଟିର ସଦସ୍ୟମାନଙ୍କୁ ଦେଖାଡ଼ିର କରି ଗ୍ରାମର ଅନ୍ୟ କିଛି ଲୋକଙ୍କୁ ନେଇ ଜୋରଜବରଦସ୍ତ ନୂତନ ଦୁଇ ନିର୍ମାଣ ନାମରେ ବିଦ୍ୟାଳୟର ଚଉଗାର ପାରେରି ଇଟାଖିଲା, ୫ ଫୁଟର ଲମ୍ବା ଯୋଡ଼େଇରେ ସୂଚନା ଫଳକ ପ୍ରସ୍ତୁତ କରିବା ଏବଂ ପିଲାମାନଙ୍କ ସୁରକ୍ଷା ପ୍ରତି ଧ୍ୟାନ ନ ଦେବା ଭଳି ଅଭିଯୋଗ ମଧ୍ୟ ଆଣିଛି । ଏହି ସମସ୍ତ ଅଭିଯୋଗକୁ ନେଇ ଆଜି ପଂଚାୟତର ମହିଳା ସରପଂଚ ଯଶୋଦାମଣି ଧଳ ଏବଂ ଶତାଧିକ ପଂଚାୟତବାସୀ ବୁଢ଼ ବାର୍ଯ୍ୟାଳୟ ପରିସରରେ କନିଷ୍ଠ ଯନ୍ତ୍ରୀ ଶ୍ରୀ ନନ୍ଦୀଙ୍କୁ ଘେରାଉ କରିଥିଲେ । ଘେରାଉ ସମୟରେ କନିଷ୍ଠ ଯନ୍ତ୍ରୀ ନିଜକୁ ଅସହାୟ ମନେ କରୁଥିବା ଦେଖିବାକୁ ମିଳିଥିଲା । ଶାସକ ଦଳର ପଂଚାୟତ ସଭାପତି ରାମକୃଷ୍ଣ ପ୍ରଧାନ ତାଙ୍କ କଥା ମାନୁନଥିବା ସହ ମନଇଚ୍ଛା ପ୍ରକଳ୍ପ କାମ କରୁଥିବା ଏବଂ ବିଲ୍ ନ ଦେଲେ ବୁଢ଼ ବାର୍ଯ୍ୟାଳୟରେ ତାଙ୍କ ଦଳର ମହିନା କର୍ମୀଙ୍କୁ ଆଣି ବିଶୃଙ୍ଖଳା ସୃଷ୍ଟି କରୁଥିବା ଜଣାପଡ଼ିଛି । ଅନ୍ୟପକ୍ଷରେ, ପଂଚାୟତର ମହିଳା ସରପଂଚ ଶ୍ରୀମତୀ ଧଳଙ୍କ ସମେତ ଶତାଧିକ ପଂଚାୟତବାସୀ ବିଡ଼ିଓଙ୍କୁ ଅନିୟମିତତା ଅଭିଯୋଗ ଥିବା ସମସ୍ତ ପ୍ରକଳ୍ପ ସମ୍ପର୍କରେ ଅବଗତ କରାଇଥିଲେ । ଏଥିସହ ତତ୍ତ୍ୱ ପରେ ରିପୋର୍ଟ ଆଧାରରେ ବିଲ୍ ପ୍ରଦାନକୁ ଅନୁମୋଦନ କରିବାକୁ ଦାବିପତ୍ର ପ୍ରଦାନ କରିଥିଲେ । ତତ୍ତ୍ୱ ସମୟରେ ନିର୍ମାଣ କାର୍ଯ୍ୟର ମାପ, ଗୁଣତତ୍ତା ଓ ଖର୍ଚ୍ଚ ଯାଂଚ କରାଯିବା ପରେ ହିଁ ବିଲ୍ ଅନୁମୋଦନ କରାଯିବ ବୋଲି ବିଡ଼ିଓ ରାଧାରଞ୍ଜନ ଦାସ ପ୍ରକାଶ କରିଛନ୍ତି ।

ବାଲେଶ୍ୱର ଓକିଲ ସଂଘର ରାଜ୍ୟସ୍ତରୀୟ କ୍ରିକେଟ୍ ପ୍ରତିଯୋଗିତା ଅନୁଷ୍ଠିତ



ବାଲେଶ୍ୱର, ୧୧/୧୧ (ଆ.ପ୍ର) : ବାଲେଶ୍ୱର ଓକିଲ ସଂଘ ଆନୁକୂଲ୍ୟରେ ୫ଦିନ ବ୍ୟାପୀ ଓଡ଼ିଶାର ବିଜିନ୍ନ ଜିଲ୍ଲାର ବାର୍ ଏସୋସିଏସନ୍‌ମାନଙ୍କର କ୍ରିକେଟ୍ ମ୍ୟାଚ୍ ପରମିଟ୍ ପଡ଼ିଆ ଠାରେ ଉଦ୍‌ଯାପିତ ହୋଇଯାଇଛି । ବାଲେଶ୍ୱର ଜିଲ୍ଲା ଦୌରାଜଜ୍ ଶ୍ରୀଯୁକ୍ତ ସତ୍ୟନାରାୟଣ ମିଶ୍ର ମୁଖ୍ୟଅତିଥି, ରେଜିଷ୍ଟର ସିଭିଲ୍‌କୋର୍ଟ୍ ସିଭିଲ୍‌ଜଜ୍ ପ୍ରଧାନ, ଜିଲ୍ଲା ଏଥିରେଟିକ୍ସ ଏସୋସିଏସନ୍, କ୍ରିକେଟ୍ ସଂପାଦକ ଅଜିତ ପାତ୍ର ପ୍ରମୁଖ ଉକ୍ତ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନୀ ସଭାରେ ବାର୍ ଏସୋସିଏସନ୍‌ର ସଭାପତି ମନୋଜ ନାୟକ ସଭାପତିତ୍ୱ କରିଥିବାବେଳେ ସଂପାଦକ ସଂଦିର ନନ୍ଦୀ, ମୁଖ୍ୟ ପରିଚାଳକ ପ୍ରଦ୍ୟୁମ୍ନ ବଜ, ଆୟୋଜକ ବୁଶିଲ୍ ବଡ଼, ଅଭିଜିତ୍ ପଣ୍ଡା, ଜିତେନ୍ଦ୍ର ଉପାଧ୍ୟାୟ, ମନ୍ମଥ ଲଖଲାମ, ପ୍ରଭାତ ଦାସ, ବେବତ୍ତର ଦାସ, ପ୍ରଗତି ଦାସ, ବୀରେନ୍ଦ୍ର ଜେନା, କିଶୋର ବଲୁର ଦାସ, ସୌଗା ପଡ଼ିଡ଼ା, ହେମଲତା ମହାପାତ୍ର, ମାନଗୋବିନ୍ଦ ସେଠୀ, ଅକ୍ଷୟ ପାତ୍ର, ଦୀନବନ୍ଧୁ ଦାସ, ମାନସ ଅଗସ୍ତୀ, ଗୌତମ ଦାସ, ସଂଜୟ ଚୌଧୁରୀ, କାମିନୀ ଚୌଧୁରୀ, ପ୍ରଗତି ଦାସ, ଚନ୍ଦ୍ରଧର ମହାନ୍ତି, ପ୍ରଭାତ ବିଶ୍ୱାଳ, ବୃଷାରା ମହାପାତ୍ର, ଗୋପାଳ ଶତପଥୀ ପ୍ରମୁଖ ଆଇନଜୀବୀ ଏହି କ୍ରିକେଟ୍ ମ୍ୟାଚ୍‌କୁ ପରିଚାଳନା କରିଥିଲେ । ବାର୍ ଏସୋସିଏସନ୍ ବାଲେଶ୍ୱର ବାର୍ ଏସୋସିଏସନ୍ ମଧ୍ୟରେ ପ୍ରଥମ ପାଳି ମ୍ୟାଚ୍ ଖେଳାଯାଇଥିବା ବେଳେ ବାଲେଶ୍ୱର ବାର୍ ଏସୋସିଏସନ୍ ବିଜୟ ଲାଭ କରିଥିଲା । ଦ୍ୱିତୀୟ ପାଳି ଖେଳରେ ଜଳେଶ୍ୱର ବାର୍ ଏସୋସିଏସନ୍ ଓ ଆଦର୍ଶ ଟିମ୍ ମଧ୍ୟରେ ବହୁପୂର୍ବ ଖେଳ ଅନୁଷ୍ଠିତ ହୋଇ ଜଳେଶ୍ୱର ଟିମ୍ ବିଜୟ ଲାଭ କରିଥିଲା । ସରୋଜ ବେହେରା ଓ ବିପ୍ଲବ କୁମାରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା । ଏହି ଖେଳକୁ ବନ୍ଦନ କୁମାର ପାତ୍ର ଓ ବାଳିକ ପାତ୍ର ଏମ୍ପାୟାର ଭାବେ ପରିଚାଳନା କରିଥିଲେ । ସମସ୍ତ ବଜର ଖେଳାଳୀମାନେ ଅତି ଉଚ୍ଚକୋଟୀର ଖେଳ ପରିଚାଳନା କରିଥିଲେ ଓ ଦର୍ଶକମାନେ ଉଚ୍ଚାଙ୍ଗର ସହିତ ଉପଭୋଗ କରିଥିଲେ । ବାର୍ ଏସୋସିଏସନ୍ ବାଲେଶ୍ୱର ଓ ଟ୍ୟାକ୍ସ ବାର୍ ଏସୋସିଏସନ୍ ମଧ୍ୟରେ ପ୍ରଥମ ପାଳି ମ୍ୟାଚ୍ ଖେଳାଯାଇଥିବା ବେଳେ ବାଲେଶ୍ୱର ବାର୍ ଏସୋସିଏସନ୍ ବିଜୟ ଲାଭ କରିଥିଲା । ଦ୍ୱିତୀୟ ପାଳି ଖେଳରେ ଟ୍ୟାକ୍ସ ବାର୍ ଏସୋସିଏସନ୍ ଓ ଆଦର୍ଶ ଟିମ୍ ମଧ୍ୟରେ ବହୁପୂର୍ବ ଖେଳ ଅନୁଷ୍ଠିତ ହୋଇ ଟ୍ୟାକ୍ସ ବାର୍ ଏସୋସିଏସନ୍ ବିଜୟ ଲାଭ କରିଥିଲା । ଶେଷରେ ବରିଷ୍ଠ ଆଇନଜୀବୀ ଶରତ ମହାପାତ୍ର ଧନ୍ୟବାଦ ଦେବା ସହ ସମସ୍ତ ଖେଳାଳୀମାନଙ୍କୁ ଅଭିନନ୍ଦନ ଜ୍ଞାପନ କରିଥିଲେ ।

ଭୋଟର ତାଲିକା ସଂଶୋଧନ ପାଇଁ ୨୦୨୭ର ବିଶେଷ ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ଘୋଷିତ

ବାଲେଶ୍ୱର, ୧୧/୧୧ (ଆ.ପ୍ର) : ଭାରତୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ଅନୁଯାୟୀ ୨୦୨୭ ବର୍ଷ ପାଇଁ ଭୋଟର ତାଲିକାର ବିଶେଷ ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏଥିପାଇଁ ୨୦୨୭ ଜାନୁଆରୀ ୧ ତାରିଖକୁ ମୁଖ୍ୟ ଯୋଗ୍ୟତା ତାରିଖ ଭାବେ ଧାର୍ଯ୍ୟ କରାଯାଇଛି । ଏଥିସହିତ ଆସନ୍ତା ବର୍ଷର ଏପ୍ରିଲ ୧, ଜୁଲାଇ ୧ ଓ ଅକ୍ଟୋବର ୧ ତାରିଖକୁ ଯୋଗ୍ୟତା ତାରିଖ ଭାବେ ଗ୍ରହଣ କରି ଭବିଷ୍ୟତର ଭୋଟରମାନଙ୍କଠାରୁ ମଧ୍ୟ ଆଗୁଆ ଆବେଦନ ଗ୍ରହଣ କରାଯାଇଛି । ବାଲେଶ୍ୱର ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ ପକ୍ଷରୁ ଏହି ସଂଶୋଧନ କାର୍ଯ୍ୟକ୍ରମ ସମ୍ପର୍କରେ ସାଧାରଣ ନାଗରିକ, ରାଜନୈତିକ ଦଳ ଓ ଭୋଟରମାନଙ୍କୁ ଅବଗତ କରାଯାଇଛି । ନିର୍ଦ୍ଧାରିତ ସମୟସୂଚୀ ଅନୁଯାୟୀ, ନଭେମ୍ବର ୨୦ ସୁଦ୍ଧା ମତଦାନ କେନ୍ଦ୍ରଗୁଡ଼ିକର ଯୁକ୍ତିଯୁକ୍ତକରଣ ଓ ପୁନଃସଂଗଠନ କାର୍ଯ୍ୟ ଶେଷ ହେବ । ନଭେମ୍ବର ୩୦ରେ ଚିଠା ଭୋଟର ତାଲିକା ପ୍ରକାଶ ପାଇବ । ଏହା ପରେ ନଭେମ୍ବର ୩୦ରୁ ଡିସେମ୍ବର ୩୦ ପର୍ଯ୍ୟନ୍ତ ଭୋଟରମାନେ ନିଜର ଦାବି ଓ ଆପତ୍ତି ଦାଖଲ କରିପାରିବେ । ଏହି ଦାବି ଓ ଆପତ୍ତିଗୁଡ଼ିକର ଶୁଣାଣି ଓ ନିଷ୍ପତ୍ତି ପ୍ରକ୍ରିୟା ଜାନୁଆରୀ ୧୬ ସୁଦ୍ଧା ଶେଷ ହେବାକୁ ଥିବାବେଳେ ଜାନୁଆରୀ ୧୧, ୨୦୨୭ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ । ଏହି ପ୍ରକ୍রିୟାରେ ୨୦୨୭ ଅକ୍ଟୋବର ୧ ସୁଦ୍ଧା ଜିମା ହା'ପୂର୍ବରୁ ଭୋଟର ହେବାକୁ ଯୋଗ୍ୟତା ତାରିଖ ଭାବେ ଧାର୍ଯ୍ୟ କରାଯା

ଦୈନିକ
ଆରମ୍ଭ
SEITHO ARAMBHA
ଗୁରୁବାର, ୧୨ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ



ସମ୍ପାଦକୀୟ...
ରାଜାନୁଗତ ଧର୍ମ

'ପ୍ରତିକୂଳତା' ହିଁ ଜଣାଙ୍କର ବ୍ୟକ୍ତିତ୍ୱର ପରିଚୟ ଦେଇଥାଏ । ବନବାସ ହିଁ ରାମଙ୍କ ପ୍ରତିଷ୍ଠିତି ଓ ରାମାୟଣ ମହାକାବ୍ୟ ସୃଷ୍ଟିର କାରଣ । ସେମିତି ଦିନା ମହାଭାରତରେ 'ଗାତା' କାଇଁ, ଅର୍ଜୁନ, ଇଏଁ ବା ଶ୍ରୀକୃଷ୍ଣ କାହାନ୍ତି ? ମହାଜନ, ଇତିହାସ ବା ପୁରାଣ ଯେଉଁମାନଙ୍କ ନାମ ନିଆଯ ପାରନ୍ତିନି ସେମାନେ ଲୋକିଥିଲା କି ଯାଉଥା ଏ ଜାତିରେ ଝୁଟ୍ଟ ବଳିଆ ନୁହନ୍ତି । ଏଥୁରୁ ''ଆହାର ନିଦ୍ରା ଭୟ ମୈଥୁନ''ରେ ଏକାକାର ହୋଇଥିବା ପଶୁ ବଳିଆ । ଏଇ ମହାଜାନ ଲୋଭ କେଖାଣ୍ଡେ ଖଡିର ଜରେ ଯେ! ଜୀବନକୁ, ଯୌବନକୁ ଓ ମାନକୁ ଯେଉଁମାନେ 'ମହୁମ' ପାଇଁ ଡାଳି ଜଗେଇ ଦେଇଥା'ନ୍ତି, ନାଲି ବିଟିକିଟି ଭଳକୁ ଯେଉଁମାନେ, ଯେମିତି ତୁଷାର ଦିଅନ୍ତି, ତାକୁ ଝାଳ ଜରି ପାଣି ପରିକା କରିଦିଅନ୍ତି, ସେମାନଙ୍କ ଜିନ୍ଦା, ସ୍ୱାଦଥା ଓ ସର୍ବଗ୍ରାସୀ ଜାଳ ବଖରେ ଖୋଦେବା ହୋଇଯାଏ । ତା' ସେ ତା ଜିଏ ବି ଜିଆଳ ପାରନ୍ତିନି । ଖ୍ରୀଷ୍ଟପୂର୍ବ ତିନିଶହରୁ ଅଧିକ ପୂର୍ବରୁ ଜଣେ ମଣିଷ ସକ୍ରେତିସ । ସେ କୁ ଜାଣା, ଜମିବାର ତା ପଦପଦବୀରେ ଥିଲେ କହୁନା । ଏ ଯାଏ ତାଙ୍କ ନାଁ ଇତିହାସ ଘୋଷୁଛି ନା, ନାହିଁ ନା ! ''କୁସୁମ ପରାଗେ ପଟ ନିଷ୍ପତ୍ତି'' ପରିକା, ତାଙ୍କ ସହ ସମ୍ମୁଖ ଅନାଲଥାୟ, ଅବାଞ୍ଛିତ ଗୁରୁତ୍ୱ ବି ଅଜିଲା ଏଇ ମତକାରେ ହୋଇଗଲେ । ସେମିତି ଆମେରିକା ସ୍ୱାଧୀନତା ସଂଗ୍ରାମ ନେଇଥିଲେ ଜର୍ଜ ୱାଶିଂଗଟନ୍ କିଏ ଜାଣିଥାନ୍ତା ? ଆମ ଗାନ୍ଧୀଙ୍କ କଥା ବେଖୁନା । ଭାରତ ସ୍ୱାଧୀନତା ସଂଗ୍ରାମ ନେଇଥିଲେ, କିଏ ମଣିଷ ବିହର ଏ ମହାମାନ୍ତ୍ର ଜାଣି ପାରିଥା'ନ୍ତା ? ସେ କୁ ପଦଧାରୀ କି କୁ କୁରେରତ୍ତେ ଥିଲେ କି ? ପଦପଦବୀରେ ନଥିବା ଜଣେ ସାଧାରଣ ମଣିଷ ପାଇଁ ଜାତିସଂଘ ପ୍ରଥମ ଥର ପାଇଁ ତାଙ୍କ ମୃତ୍ୟୁରେ ସଜ୍ଜାନ ଜଣାଇ ପତାକାକୁ ଅର୍ଦ୍ଧନମିତ କଲା । ବିଶିଷ୍ଟ ସାହିତ୍ୟିକ, ସାମ୍ବାଦିକ ଲୁଇ ଫିସର ଲେଖୁଛନ୍ତି, ''UNO lowered it's flag to half mast. Humanity lowered it's flag.'' ସେଇଥି ପାଇଁ ଜଂଗାଳିରେ ବି କୁହାଯାଇଛି, ''Adversity is the test of man.'' ବିନା ବିପତ୍ତିରେ, ବିନା ସଂଗ୍ରାମରେ କିଏ 'ନିବା' ହୋଇଛି ଯେ! ଅବସ୍ଥା ଜୀବନକୁ ବାଜିମାତ କରିଦେଉଥିବା ଗଢିବି କୁଆଡ଼େ ଦୃଷ୍ଟିପାତ ଅର୍ଜନ କରିପାରିଛନ୍ତି । ବିଶ୍ୱ ମହାଜଣ, ତାଙ୍କ ପୁଅ ଧର୍ମପଦ କି ଏ ଅସାଧାରଣ ଶିକ୍ଷକଜାର ମନ୍ଦିର 'କୋଣାର୍କ' ସୃଷ୍ଟିର ରାଜା ଲାଙ୍ଗୁଳା ନରସିଂହଙ୍କ ବ୍ୟବହାର ଜାଙ୍କି କିଏ ରାଜବର୍ତ୍ତି ଜଜ ଜାତନକୁ ବାଜି ଜଗେଇ ଦେଇଥିବା ଏ କାରାଗାରଙ୍କ ଭିତରୁ ଜଣଙ୍କ ନାଁ ତି କହିପାରିବେ ଜଲୁଆ ଜାତି ରାଜପୁତ୍ର ଦୁର୍ଦ୍ଧର୍ଷ ମୋଗଲ ସମ୍ରାଟ ଆକବରଙ୍କ ବଖ ଦେବାପରେ, ତାଙ୍କ ସେନାପତି ବଳିଥିବା ମାନସିଂ ତାଙ୍କ ଝିଆରୀ ଅନିଦ୍ୟ ସୁନ୍ଦରୀ ଯୋଧାବାଈକୁ ଆକବରଙ୍କ ସହ ବିବାହ କରିଥିଲେ । ସେ କାରଣରୁ, ଝିଅଟିଏର, ମହିଳାଟିଏର ପାଟି ପିଟେଇବାକୁ କୁ କୁ ଥିଲା ସେ ତ ବାପ, ମା' ପରିବାରଙ୍କ କଣେଇଟେ ଥିଲା ମାତ୍ର । ଅକଥା ଶାଶ୍ୱତଙ୍କୁ ଯାଉଥିବା ବିବାହା 'ଜାଲାଜାଲ'ର ବାହୁନା ଜଥା ଯଶସ୍ୱୀ ଜବି ଫଂସୱାର ଗୋବାବରାଣୀ ବଡ଼ ପ୍ରାଣଘୁମ୍ପାଁ ରାଖାରେ ଲେଖୁଛନ୍ତି, ''ପାରିବୁତ ବୋଲି ରାଜ୍ୟ ପୁଣି ସେ ଚିଲିକା ମଝିରେ କାହିଁ; କେମନ୍ତେ ମୁଁଚିଲ ଝିଅକୁ ବାପା ହେ, ଏତେ ଦୂରେ ଦେବା ପାଇଁ ବର ବୋଲି ଯାଚ ଯଜାଇଲ ଜାନ, କି ତାର ଦେଖିଲ ଶିରା, ରୂପ, ବିଦ୍ୟା ଆଉ ବିଭବ ବାପା ହେ, ଚିହ୍ନିବ ଚିହ୍ନିକି ବଜି । ମହାମଣ୍ଡଳେ ତ ଥିବ ନାହିଁ ଜଣେ, ମୋ ଭଳି ନିଜେଖା ଜନ, ଏ ମହା ସମ୍ପତ୍ତ ମଝିରେ ବାପା ହେ, କେମନ୍ତେ ବଂଚିବି ଦିନ । ଏତେ ହୀନିମାନ ଜରିବାକୁ ଯେତେ, ମନରେ ଥିଲା ବିଚାର, ଏକୁଟିଶାଳେଟି ଜିମାଇଁ, ବାପା ହେ, ଚଣ୍ଡି ପିପି ନ ମାରିଲ ଝିଅକୁ ନିଷ୍ଠିନ୍ତେ ଦେଇଛୁ ପଠାଇ, ବନଷ୍ଟକୁ ଜାଣି ଜାଣି, କପଳ ଆଦରି ଯାଉଛି, ବୋଉ ଲୋ, ପାସୋରି ନ ଦେବୁ ମତ୍ତୁ ।'' ସେମିତିକା ଅସହାୟତାରେ ସମ୍ପାତ ଆକବରଙ୍କ ସହ ବିବାହକୁ ଯୋଧାବାଈ ସୌଭାଗ୍ୟ ନ ମାନି ଦୁର୍ଭାଗ୍ୟ ମାନିଥିଲେ । ବାପା ଓ ଭଲା ମାନଙ୍କି ଏ ବିବାହରେ ସମ୍ମତ ହୋଇଥିବାରୁ ତାକୁ ଯେଉଁ ଧିକ୍‌କାର କରିଥିଲେ, ତା' ଏ ବତିପେଲା ଐତିହାସିକମାନେ କାହିଁ କୋଉ ଲେଖୁଥିଲେ ତିରୋଧ ଦୁର୍ଗ ଆକ୍ରମଣ ଓ ତା'ର ପତନ ପରେ, ଗଢ଼ମଧ୍ୟସ୍ଥ ରାଜପ୍ରାସାଦରେ ନିର୍ମିତ ଅଗ୍ନିକୁଣ୍ଡରେ ଶହଶହ ରାଜପୁତ ଯୁବତୀ ଓ ରମଣୀ ଯେପରି ନିଆଁକୁ ଡେଇଁ ପ୍ରଣତ୍ୟାର କରିଥିଲେ ।

କଂସର ଘରଣୀ ପଦ୍ମାବତୀ ରାଣୀ...
ସାପୁଆକେଳାର ପୁଙ୍ଗାରେ ବନ୍ଦୀ ହୋଇ ଯାଉଥିବା ଏକ ଲୋକ ସଂସ୍କୃତି

॥ ମିଲନ କୁମାର ମିଶ୍ର (ଭରଦ୍ୱାଜ) ॥

"କଂସର ଘରଣୀ ପଦ୍ମାବତୀ ରାଣୀ..."—ଏହି ଗୀତ ପଦକ ଯେତେବେଳେ କେଉଁଠି ଦୂରରୁ ଭାସିଆସେ, ମନେହୁଏ ହଠାତ୍ ଆମ ପିଲାଦିନର କୌଣସି ଧୂଳିଧୂସର ଦିନ ଆଖିଆଗରେ ଆସି ଠିଆ ହୋଇଯାଏ । ଗାଁ ବାଖରେ ଧୂଳି ଉଡୁଥାଏ, ମେଳା ପଡ଼ିଥାରେ ଲୋକଙ୍କ ଭିଡ଼ ଜମିଥାଏ, ଦୂରରୁ ଶୁଭୁଥାଏ ପୁଙ୍ଗାର ଏକ ଅଜଣା ମାୟାବୀ ସ୍ୱର—ଆଉ ତା' ସହିତ ପେଡିରେ ଘୁଡ଼େଇ ହୋଇ ରହିଥିବା ସାପର ପଣା ଧୀରେ ଧୀରେ ଉଠୁଥିବାର ଦୃଶ୍ୟ । ସେ ଦୃଶ୍ୟ କେବଳ ଜଣେ ସାପୁଆକେଳାର ଖେଳ ନଥିଲା; ଆମ ଲୋକସୃତିର ଏକ ଜୀବନ୍ତ ଚିତ୍ର ଥିଲା । ଆଜି ସହରର ଲୋକଜନ, ମୋବାଇଲ୍‌ର ସ୍କିନ୍‌ଟୋନ, ଡିଜିଟାଲ୍ ପରଦା ଓ ବଚନ୍ଦୁଥିବା ଜୀବନର ଜିତ୍ ମଧ୍ୟରେ ସେହି ପୁଙ୍ଗାର ସ୍ୱର ଜୁମେ ମାଇଜିଯାଉଛି । କିନ୍ତୁ ସୃତିର କାନ ଆଜି ବି ଜଣାରେ—"କଂସର ଘରଣୀ ପଦ୍ମାବତୀ ରାଣୀ..." । ଏହି ଗୀତରେ କେବଳ ଏକ ଲୋକକଥା ନୁହେଁ, ଗୋଟିଏ ସମ୍ପ୍ରଦାୟର ଶତାବ୍ଦୀପୁରୁଣା ଜୀବନର ନିଶ୍ୱାସ ମିଶିଛି । ସାପୁଆକେଳା - ନାଆଁଟି ଶୁଣିଲେ ଆମ ମନରେ ପ୍ରଥମେ ଯେଉଁ ଚିତ୍ରଟି ଆଙ୍କି ହୋଇଯାଏ, ସେଥିରେ ରହିଥାଏ ଜଣେ ଲୋକ, ଗୋଟିଏ ପୁଙ୍ଗା, ଗୋଟିଏ ଜାଲିପେଡି ଏବଂ ତା' ଭିତରେ ଗୁଡ଼େଇ ହୋଇ ରହିଥିବା ଏକ ସାପ । କିନ୍ତୁ ସେହି ଦୃଶ୍ୟର ପଛରେ ଯେଉଁ ମଣିଷଟି ରହିଛି, ତା'ର ଜୀବନ ଆମେ କେତେଜଣ ଦେଖୁଛୁ ? ତା'ର ଘର କେଉଁଠି ? ତା'ର ପିଲାମାନେ କେଉଁ ସ୍ୱପ୍ନ ଦେଖନ୍ତି ? ତା'ର ଲୋକଗୀତ କେତେ ଅନିଶ୍ଚିତ ? ତା' ଘରର ମହିଳାମାନେ କିପରି ଘର ସମ୍ଭାଳନ୍ତି ? ତା' ଗାଁରେ କେଉଁ ଗୀତ ବୋଲା ଯାଏ, କେଉଁ କାହାଣୀ କୁହାଯାଏ, କେଉଁ ଆଖୁ ପିଢ଼ିକୁ ପିଢ଼ିକୁ ଚାଲିଆସେ ? ଏହି ପ୍ରଶ୍ନଗୁଡ଼ିକର ଉତ୍ତର ଖୋଜିଲେ ଜଣାପଡ଼େ ଯେ ସାପୁଆକେଳା ଜୀବନ କୌଣସି ଲୋମଂଚକର ଲୋକକଥା ନୁହେଁ; ଏହା ଘାଣିପ୍ରୟୀ, ଶ୍ରମ, ଅନିଶ୍ଚିତତା, ବଞ୍ଚିତା, ପରମ୍ପରା ଓ ଅସ୍ତିତ୍ୱ ସଂଘର୍ଷରେ ଗଢ଼ିଉଠିଥିବା ଏକ ଜୀବନ୍ତ ଅଧ୍ୟାୟ ।

ଏକ ସମୟରେ ଗାଁର ହାଟ, ମେଳା, ପର୍ବପର୍ବାଣି, ଯାତ୍ରାପଡ଼ିଆ ଓ ଘରବାଖରେ ସାପୁଆକେଳାଙ୍କ ଆଗମନ ଥିଲା ଏକ ଛୋଟ ଉତ୍ସବ । ପିଲାମାନେ ଦୌଡ଼ିଦୌଡ଼ି ଆସୁଥିଲେ, ବଡ଼ମାନେ ଘେରି ଠିଆ ହେଉଥିଲେ, କେହି କୌତୂହଳରେ, କେହି ଭୟରେ, କେହି ଆସ୍ଥାର୍ଯ୍ୟରେ ଦେଖୁଥିଲେ । ପୁଙ୍ଗାର ସ୍ୱର ସହିତ ନୃତ୍ୟରତ ସାପକୁ ଦେଖି ଲୋକେ ମୋହିତ ହେଉଥିଲେ । କେହି ମୁଠାଏ ଚାଉଳ ଦେଉଥିଲେ, କେହି ପଇସା, କେହି ଖାଇବାକୁ କିଛି । ସେହି ଅଳ୍ପ ଆୟରେ ତି ଚାଲୁଥିଲା ଗୋଟିଏ ପରିବାରର ଦିନ । ଏହା କେବଳ ମନୋରଞ୍ଜନ ନଥିଲା—ସେମାନଙ୍କ ପାଇଁ ଏହା ଥିଲା ଜୀବିକା, ପିଢ଼ିର ପେଶା ଓ ଜୀବନଧାରଣର ଏକମାତ୍ର ଆଶ୍ରୟ । ସେମାନଙ୍କ ଜୀବନ ଆମ ଭଳି ସ୍ଥିର ନଥିଲା । ଗୋଟିଏ ଗାଁରୁ ଅନ୍ୟ ଗାଁ, ଗୋଟିଏ ମେଳାରୁ ଅନ୍ୟ ମେଳା, ଗୋଟିଏ ହାଟରୁ ଅନ୍ୟ ହାଟ, ଏହି ଯାତ୍ରା ହିଁ ଥିଲା ସେମାନଙ୍କ ଜୀବନର ଠିକଣା । ମାଟିର ଘର ହୁଏତ ଥିଲା, କିନ୍ତୁ ଜୀବିକାର ପଥ ଥିଲା ଚଳମାନ । ଆଜି ଯେଉଁଠି ଆଧୁନିକ ଯାତାୟାତ, ସୁଖୀ ଜୀବିନ, ଡିଜିଟାଲ୍? ଗୋଜଗାର ଓ ସଜଡା ଜୀବନର ସୁଯୋଗ ବଢ଼ିଛି, ସେଠି ସେମାନଙ୍କ ପାରମ୍ପରିକ ଜୀବିକାର ଭିତି କ୍ରମେ ସଙ୍କୁଚିତ ହୋଇଛି । ପଢ଼ରେ ଅନେକ ପରିବାର ଆଜି ଦିନମଜୁରି, କୃଷି, ଛୋଟ ବ୍ୟବସାୟ, ଭିକାବୃତି କିମ୍ବା ଅନ୍ୟାନ୍ୟ ଅସ୍ଥାୟୀ କାମ ଉପରେ ନିର୍ଭର କରୁଛନ୍ତି । ସେହିପରି 'ପଦ୍ମପୁରାଣ'ରେ ରହିଛି - 'ଉଦ୍ଦେ ପ୍ରଦୀପମ୍ ଆକାଶେ ଯୋ ଉଦ୍ୟାତ୍ କାର୍ତିକେ ନରଃ, ସର୍ବେଂ କୁଳଂ ସମୃଦ୍ଧତ୍ୟ ବିଷ୍ଣୁଲୋକମ୍ ଅବାପ୍ନୟାତ୍ ।' ପୁଣି ସେହି ପଦ୍ମପୁରାଣରେ କୁହାଯାଇଛି - 'ବିଷ୍ଣୁକେଶନମ୍ ଉଦିତ୍ୟ ଦାମ୍ଟ ଦତ୍ୟାତ୍ ତୁ କାର୍ତିକେ ଆକାଶସ୍ଥ ଜଳଜନ୍ତୁ ତ ଶୃଣୁ ତସ୍ୟାପି ଯତ୍ ଫଳମ୍ ।' ଆକାଶଦୀପ ପ୍ରଜ୍ୱଳନ ସମୟରେ ଯେଉଁ ଶ୍ଲୋକ ଉଚ୍ଚାରଣ କରିବାକୁ ହେବ ତାହା 'ହରିଭକ୍ତି ବିଳାସ'ରେ ଉଲ୍ଲେଖ ରହିଛି । ଜାକାରେଲା 'ଜାଗୋବରାୟ ନରସିଂ ତୁଜସ୍ୟାଂ' ଲୋକୟା ସହ ପ୍ରବୀପକ୍ତେ ପ୍ରଯତ୍ନାମି ନମୋନମଃନ୍ତାୟ ବେଧସେ ।' ଶାସ୍ତ୍ରାନୁସାରେ ଦୀପ ପୁରୁଣି ଧାତବାଦି ଅଥବା ମୃଣ୍ମୟ ପାତ୍ରରେ ନିର୍ମିତ ହୋଇଥିବା ବିଧେୟ । କାର୍ପାସ ବର୍ତିକା ଓ ଗବ୍ୟ ଘୃତ ହିଁ ଆକାଶଦୀପର ଉତ୍ତମ ଜଘରକର । କିନ୍ତୁ କ୍ଷେତ୍ର ବିଶେଷରେ ତିଳତୈଳ ଯୋଗେ ମଧ୍ୟ ଆକାଶଦୀପ ଦାନ କରାଯାଇପାରେ ।

ସମ୍ପଦିତ ଲୋକବିଶ୍ୱାସ, ଗୀତ, କାହାଣୀ, ମନ୍ତ୍ର, ଆଚାର ଓ ଅନେକ ମୌଖିକ ପରମ୍ପରା । ଏହି ଜ୍ଞାନ ସବୁ ବୈଜ୍ଞାନିକ ଭାବେ ପ୍ରମାଣିତ ତିକିଆ ନୁହେଁ— ଏହି ଭେଟି ବୁଝିବା ମଧ୍ୟ ଆବଶ୍ୟକ । କିନ୍ତୁ ଲୋକସଂସ୍କୃତିର ଅଧ୍ୟୟନ ପାଇଁ ଏହି ମୌଖିକ ଜ୍ଞାନ, ସୃତି ଓ କାହାଣୀଗୁଡ଼ିକର ନିଜସ୍ୱ ମୂଲ୍ୟ ରହିଛି । ଏଗୁଡ଼ିକ ଲିପିବଦ୍ଧ ନହେଲେ, ଗୋଟିଏ ପିଢ଼ି ସହିତ ଅନ୍ୟ ଏକ ପିଢ଼ିର ସୃତି ମଧ୍ୟ ହଜିଯିବ । ସାପୁଆକେଳାର ଗାଁ ମଧ୍ୟ ଆମ ପରିତିତ ଗାଁଠାରୁ କିଛି ଅଲଗା ଜଗତ । ସେଠି ଅଭାବ ଅଛି, କିନ୍ତୁ ଅଭାବ ମଧ୍ୟରେ ସମ୍ପର୍କର ଉଷ୍ମତା ଅଛି; ଦାରିଦ୍ର୍ୟ ଅଛି, କିନ୍ତୁ ଲୋକଗୀତ ଅଛି; ଅନିଶ୍ଚିତତା ଅଛି, କିନ୍ତୁ ପିଢ଼ିରୁ ପିଢ଼ିକୁ ଜାରିଆସୁଥିବା ପରିଚୟ ଅଛି । ଘର ଆଗରେ ବସିଥିବା ବୃଦ୍ଧ ଜଣେ ପୁରୁଣା କଥା କହନ୍ତି, ମହିଳାମାନେ ଘରକାମ ସହିତ ଜାତିଜାର ଗୀତ ବନ୍ଧନ କରନ୍ତି, ପିଲାମାନେ ଅଜାଡ ମଧ୍ୟରେ ବଡ଼ ହୁଅନ୍ତି । ସେହି ପିଲାମାନଙ୍କ ଆଖିରେ ମଧ୍ୟ ଅନ୍ୟ ପିଲାଙ୍କ ଭଳି ସ୍ୱପ୍ନ ଥାଏ—କେହି ଶିକ୍ଷକ ହେବାକୁ ଚାହିଁ, କେହି ପୁଲିସ, କେହି ଡାକ୍ତର, କେହି ନିଜ ଗାଁ ଛାଡ଼ି ସହର ଦେଖିବାକୁ ଚାହିଁ । କିନ୍ତୁ ପ୍ରଶ୍ନ ହେଉଛି—ପରମ୍ପରାର ଭାର ଓ ଦାରିଦ୍ର୍ୟର ଚାପ ମଧ୍ୟରେ କେହି ସ୍ୱପ୍ନଗୁଡ଼ିକ କେତେ ଦୂର ଯାଇପାରୁଛି ?

ସାପୁଆକେଳା ସମ୍ପ୍ରଦାୟର ମହିଳାମାନଙ୍କ କାହାଣୀ ମଧ୍ୟ କମ୍ ଜରୁରୀ ନୁହେଁ । ସେମାନେ ଘର ସମ୍ଭାଳନ୍ତି, ପିଲାଙ୍କ ଯତ୍ନ ନିଅନ୍ତି, ପୁରୁଷଙ୍କ ଜୀବିକାରେ ସହଯୋଗ କରନ୍ତି, ଅନେକ ସମୟରେ ନିଜେ ମଧ୍ୟ ଅନିଶ୍ଚିତ ଆୟରେ ଶ୍ରମ କରନ୍ତି । କିନ୍ତୁ ସମାଜର ଆଖିରେ ସେମାନଙ୍କ ଶ୍ରମର ମୂଲ୍ୟ କେତେ ? ଯେଉଁ ହାତ ଘରର ଚୁଲି ଜଳାଏ, ପିଲାକୁ ବଡ଼ କରେ ଓ ଅଭାବକୁ ସହି ସହିଯା ଶିରେଖା, ସେହି ହାତର କାହାଣୀ କେତେଥର ଲେଖାଯାଇଛି ? ଏହି ପ୍ରଶ୍ନର ଉତ୍ତର ଖୋଜିବା ମଧ୍ୟ ଆମ ସାମାଜିକ ଦାୟିତ୍ୱ । ଆଧୁନିକତା ସେମାନଙ୍କ ଜୀବନକୁ ଅନେକ ଦିଗରୁ ବଦଳାଇଦେଇଛି । ଆଇନ, ବଜ୍ୟଜନ୍ତୁ ସୁରକ୍ଷା, ସହରୀକରଣ, ମନୋରଞ୍ଜନର ନୂଆ ମାଧ୍ୟମ ଓ ଲୋକଙ୍କ ବଦଳୁଥିବା ରୁଚି ଫଳରେ ପାରମ୍ପରିକ ସାପ ଖେଳ ପ୍ରଦର୍ଶନର ସୁଯୋଗ ଅନେକ କମିଛି । ଏହି ପରିବର୍ତ୍ତନର ପରିପ୍ରେକ୍ଷୀରେ ଓ ଆକଳନ୍ତ ଆବଶ୍ୟକତା ରହିଛି: ବନ୍ୟଜନ୍ତୁର ସୁରକ୍ଷା ନିସ୍ୱ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ପରମ୍ପରାର ଏକ ଦ୍ୱାର ବନ୍ଦ ହେଉଥିବେଳେ ତା' ପଛରେ ଠିଆ ହୋଇଥିବା ମଣିଷମାନଙ୍କ ପାଇଁ ନୂଆ ଦ୍ୱାର କିଏ ଖୋଲିବ ? ଏହା ହେଉଛି ଏକ ମୌଳିକ ପ୍ରଶ୍ନ । ପାରମ୍ପରିକ ଜୀବିକାର



ସେଇଠି ଆରମ୍ଭ

SEITHO ARAMBHA



ଗୁରୁବାର, ୧୨ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୫

ଶିକ୍ଷା ସହ ନୈତିକତା ଓ ନେତୃତ୍ୱ ଗୁଣର ବିକାଶ ଜରୁରୀ ଆଦର୍ଶ ଶିକ୍ଷା ବ୍ୟବସ୍ଥା ଗଠନରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



କୋରାପୁଟ, ୧୧/୧୧ (ଆ.ପ୍ର) : କୋରାପୁଟ ସରକାରୀ ଡିଏଭି ମହାବିଦ୍ୟାଳୟର ସ୍ୱତନ୍ତ୍ରୋତ୍ତର ଶିକ୍ଷା ବିଭାଗ ପକ୍ଷରୁ ଜାତୀୟ ଶିକ୍ଷା ଦିବସ ପାଳନ କରାଯାଇଛି । ପ୍ରାରମ୍ଭରେ ଅତିଥି ମାନଙ୍କ ଦ୍ୱାରା ମୌଳାନା ଅବୁଲ୍ କଲାମ ଆଜାଦଙ୍କର ଫଟୋଚିତ୍ର ଉପରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସ୍ୱତନ୍ତ୍ରୋତ୍ତର ଶିକ୍ଷା ବିଭାଗର ମୁଖ୍ୟ କୋବିଦ ପ୍ରଧାନ କାର୍ଯ୍ୟକ୍ରମ ସଂପର୍କରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ । ଶିକ୍ଷାବିତମାନେ ଛାତ୍ରଛାତ୍ରୀଙ୍କ ଭିତରେ ଜିଜ୍ଞାସା ବୃଦ୍ଧି, ସୃଜନଶୀଳତା, ଉଦ୍ୟୋଗୀ ମନୋଭାବ, ଏବଂ ନୈତିକ ନେତୃତ୍ୱର କ୍ଷମତା ବିକଶିତ କରିବା ସଙ୍ଗେ ସଙ୍ଗେ ଶିକ୍ଷାର ଆଦର୍ଶ ହେବା ଉଚିତ ବୋଲି ଜଣେଇ ଅଧ୍ୟକ୍ଷ ଡ. ସୁଶୀଲ କୁମାର ଉତ୍କଳୀୟଙ୍କ ଏବଂ ସେମିନିଗୁଡା ମହାବିଦ୍ୟାଳୟ ଅଧ୍ୟାପକ ଦେବାନନ୍ଦ ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଉଦ୍ଯିତା ସାହୁ, ଜ୍ୟୋତ୍ସାରାଣୀ ବିଶୋଇ, ଜରନ ମଣ୍ଡଳ ଓ ପ୍ରସାଦ ଗୁଡେକା ଆଦି ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ ।ସାତାକାନ୍ତ ପାଣିଗ୍ରାହୀ ଯୋଗଦେଇ ମଂଚ ପରିଚାଳନା କରିଥିବା ବେଳେ ନିରଞ୍ଜନ ମହାକୁଡ ଧନ୍ୟବାଦ ଅର୍ପଣ କରିଥିଲେ । ବିକାଶ କୁମ୍ଭାର, ସଞ୍ଜନା ଆପା ଓ ସରସ୍ୱତୀ ଦଂଶନା ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ ।

ମା' ମଙ୍ଗଳା ଠାକୁରାଣୀଙ୍କ ସାଂସ୍କୃତିକ ମଣ୍ଡପ ଉଦ୍‌ଘାଟନ କଲେ ବିଧାୟକ



ଗଞ୍ଜାମ, ୧୧/୧୧ (ଆ.ପ୍ର) : ଜୟାଡୁ ଜିଲ୍ଲା ରାମିଥି ବ୍ଲକ ରାମଙ୍କ ଗ୍ରାମପଂଚାୟତ ଅନ୍ତର୍ଗତ ମାଳତାପୁଟ ଗ୍ରାମରେ ମା' ମଙ୍ଗଳା ଠାକୁରାଣୀଙ୍କ ନବନିର୍ମିତ ସଂସ୍କୃତିକ ମଣ୍ଡପ ଉଦ୍‌ଘାଟିତ ହୋଇଛି । ଦଶପଲ୍ଲା ବିଧାୟକ ରାମମୋହନ ଦତ୍ତ ବେହେରା ଏହି ମଣ୍ଡପକୁ ଶୁଭ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ସେ ମା' ମଙ୍ଗଳାଙ୍କ ନିଜରେରେ ପୂଜାର୍ଚ୍ଚନା କରିବା ସହ ଅଂଚଳବାସୀଙ୍କ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରିଥିଲେ । ଏହି ସଂସ୍କୃତିକ ମଣ୍ଡପ ଗ୍ରାମରେ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନରେ ସହାୟକ ହେବ ବୋଲି ଆଶା ପ୍ରକାଶ ପାଇଛି ।

ହାଡ଼ଡ଼ିହି ବ୍ଲକ ମରେଇଗାଁ ଠାରେ ଭବାନୀ ଜିମ ଫିଟନେସ ଚରପରୁ ଡେଢ଼ ଲିପ ଚମ୍ପିୟାନ ପ୍ରତିଯୋଗିତା

ଜାଡ଼ଡ଼ିହି, ୧୧/୧୧ (ଆ.ପ୍ର) : କେନ୍ଦୁଝର ଜିଲା ଜାଡ଼ଡ଼ିହି ବ୍ଲକ ମରେଇଗାଁ ଠାରେ ଭବାନୀ ଫିଟନେଜ ଜିମ ତରଫରୁ ମିଷ୍ଟର ଭବାନୀ ଡେଡଲିଫ ଚମ୍ପିୟାନସିପ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି ଏହି ପ୍ରତି ଯୋଗିତାରେ ଭବାନୀ ଫିଟନେସ ଜିମର ପ୍ରଶିକ୍ଷକ ତାଲେ ସୋମ୍ୟା ରଞ୍ଜନ ଦାସ ପରିଚାଳନା କରିଥିବା ବେଳେ ଆୟୋଜିତ ଜିମ ସେଂଟରରୁ ଆସିଥିବା ପିଲା ଉତ୍ତାନେଇଥିଲି ଯାହାଭାରି ୩୦ ଜଣ ପିଲା ଭାଗ ନେଇଥିଲେ ଏଥିରେ ପ୍ରଥମ ଦ୍ୱିତୀୟ ତୃତୀୟ ରହ୍ନା ଯାଇ ପୁରସ୍କୃତ କରିବା ସହ ମାନ ପତ୍ର ପ୍ରଦାନ କରାଯାଇଥିବା ସୁସ୍ଥ ଜୀବନ ଦେହକୁ ଜିପରି ଫିଟନେସ ରଖିବା ସେ ନେଇ ଆଲୋଚନା ମାନସ ମହାନ୍ତ ପ୍ରତିକ୍ରିୟା ଦେଇଥିଲେ ।

ଜଗତସିଂହପୁରରେ ଜାତୀୟ ଆଇନ ସେବା ଦିବସ ପାଳିତ



ଜଗତସିଂହପୁର, ୧୧/୧୧ (ଆ.ପ୍ର) : ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧାକରଣର ତରଫରୁ ଜାତୀୟ ଆଇନ ସେବା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ଓ ଦୌରା ଜଜ୍ ତଥା ପ୍ରାଧକରଣ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ନାୟକ ପତବା ଦେଖାଇ ଏକ ସଚେତନତା ରଥକୁ ଶୁଭାରମ୍ଭ କରିଥିଲେ । ଏହି ରଥ ନଗର ପରିକ୍ରମା କରିଥିଲା । ଏକାପରେ ଜିଲ୍ଲା ଅଦାଲତର ସଭାଗୃହରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ଜଜ୍ ଶ୍ରୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଅତିରିକ୍ତ ଜିଲ୍ଲା ଜଜ୍ ବିଭୁ ପ୍ରସାଦ ପଣ୍ଡା, ଜିଲ୍ଲା ଓକିଲ ସଂଘ ସଭାପତି ଉଦୀତ୍ରନାଥ ସ୍ୱାଇଁ, ସମ୍ପାଦକ ସରୋଜ କୁମାର ବିଶ୍ୱାଳ, ସିଜେମ୍ ନରୋତମ ଶେଠୀ, ମହିଳା ଅବାଦକ ବିତାରପତି ପ୍ରଜ୍ଞା ପରମିତା ମହାପାତ୍ର, ସବ ଜଜ୍ ରାକେଶ କୁମାର ମୁଦୁଲି, ଆଇନ ସେବା ପ୍ରାଧକରଣ ସଚିବ ବିତିତି ଚନ୍ଦନା, ଏସ.ଡି.ଜେ.ଏମ୍ ପ୍ରତ୍ୟୁଷ କୁମାର ବାହ, ଜେଏମ୍ଏଫସି ଶ୍ରୀୟଙ୍କା ଦାଶ, ବରିଷ୍ଠ ଆଇନଜୀବୀ, ପାରା ଲିଗାଲ୍ ସ୍ୱେଚ୍ଛାସେବୀ, ଜିଲ୍ଲା ଅବାଦାଗର କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ । ଜିଲ୍ଲା ଜଜ୍ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ସମ୍ବିଧାନର ଧାରା '୩୯-କ'କୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୧୯୮୭ ମସିହାରେ 'ଆଇନ ସେବା ପ୍ରାଧିକରଣ ଅଧିନିୟମ' ନାମରେ ଏକ ଆଇନ ପ୍ରଣୟନ କରିଛନ୍ତି । ଏହି ଅଧିନିୟମ ୧୯୯୫ ମସିହାରୁ କାର୍ଯ୍ୟକ୍ଷମ ହୋଇ ବବଦତର ରହିଛି । ଏହି ଆଇନ ବଳରେ ଜାତୀୟ ସ୍ତରରୁ ଆରମ୍ଭ କରି ଜିଲ୍ଲା ସ୍ତର ଓ ବ୍ଲକ ସ୍ତରରେ ଆଇନ ସେବା ପ୍ରାଧିକରଣ ଏବଂ ତାଲୁକ ସ୍ତରରେ ଆଇନ ସେବା କମିଟିମାନ ଗଠନ କରାଯାଇ ତାଙ୍କ ଜରିଆରେ ନିଃଶୁଳ୍କ ଆଇନ ସେବା ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି । ପ୍ରତି ବର୍ଷ୍ୟରେ ହାଇକୋର୍ଟ ପରିସରରେ ଏବଂ ନ୍ୟାୟାଳୟ ପରିସରରେ ମଧ୍ୟ ଆଇନ ସେବା କମିଟି କାର୍ଯ୍ୟକ୍ଷମ ରହିଛି । ସମ୍ପ୍ରତି ମହିଳା, ଶିଶୁ, ତପଶିଲ ଜୁଲ୍ଲ ଜାତି ଓ ଜାତିଗତି, ବିତାରଧାନ ବନ୍ଦୀ, ପ୍ରକୃତିକ ବିପର୍ଜୟରେ କ୍ଷତିଗ୍ରସ୍ତ ହୋଇଥିବା ବ୍ୟକ୍ତି, ଏଡ୍ସ ରୋଗୀ, ଏବଂ ବାର୍ଷିକ ଆୟ ୩ ଲକ୍ଷ ଟଙ୍କାରୁ କମ୍ ଥିବା ବ୍ୟକ୍ତିମାନେ ନିଃଶୁଳ୍କ ଆଇନ ସେବା ପାଇପାରିବେ ବୋଲି ଜିଲ୍ଲା ଜଜ୍ ଶ୍ରୀ ନାୟକ କହିଛନ୍ତି । ଜିଲ୍ଲା ଓକିଲ ସଂଘ ସଭାପତି ଶ୍ରୀ ସ୍ୱାଇଁ କିପରି ମାଗାଣରେ ଆଇନ ସେବା ଦିଆ ଯାଇପାରିବ ଏହି ବିଷୟରେ ବୁଝାଇଥିଲେ । ଅନ୍ୟତମ ବକ୍ତା ଭାବେ ବରିଷ୍ଠ ଆଇନଜୀବୀ ନଳିନୀ ରଞ୍ଜନ ମହାପାତ୍ର ଆଇନ ସେବା ପ୍ରାଧିକରଣ ବିଷୟରେ ସଚେତନ କରାଇଥିଲେ । ଜେଏମ୍ଏଫସି ଶ୍ରୀୟଙ୍କା ଦାଶ ଏହି ଦିବସର ଆଜିପ୍ରାଧ୍ୟ ବିଷୟରେ ଆଲୋଚନା କରିଥିଲେ । ମହିଳା ଅବାଦକ ବିତାରପତି ଶ୍ରୀମତୀ ମହାପାତ୍ର ଆଇନ ସେବା ପ୍ରାଧିକରଣର ଦାୟତ୍ୱ ଓ କର୍ତ୍ତବ୍ୟ ବିଷୟରେ ସଚେତନ କରାଇଥିଲେ । ପ୍ରାଧିକରଣ ସଚିବ ବିତିତି ଚନ୍ଦନା ବର୍ଦ୍ଧ ନିଃଶୁଳ୍କ ଆଇନ ସେବା ପାଇପାରିବେ ଏହି ବିଷୟରେ ଆଲୋଚନା କରିବା ସହ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

କାମ ନକରି ଅର୍ଥ ହଡ଼ପ ହୋଇଥିବା ଗ୍ରାମବାସୀଙ୍କ ଆଶଙ୍କା, ନିରପେକ୍ଷ ତଦନ୍ତ ପାଇଁ ଦାବି



କୋରାପୁଟ, ୧୧/୧୧ (ଆ.ପ୍ର) : କୋରାପୁଟ ଜିଲ୍ଲା ଦୋରିଗୁମ୍ମା ବ୍ଲକ ଅନ୍ତର୍ଗତ ରଣପୁର ଗ୍ରାମପଂଚାୟତରେ ବିଜିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟାପକ ଅନିୟମିତତା ଓ ଆର୍ଥିକ ହେରଫେର ହୋଇଥିବା ନେଇ ଗ୍ରାମବାସୀ ଗୁରୁତର ଅଭିଯୋଗ ଉଠାଇଛନ୍ତି । ଏହି ଘଟଣାର ତଦନ୍ତ କରି ସତ୍ୟାସତ୍ୟ ଉନ୍ମୋଚନ କରିବା ସହ ଦୋଷୀଙ୍କ ବିରୋଧରେ ଆଇନାନୁଯାୟୀ ପଦକ୍ଷେପ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି । ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ)ଙ୍କ ଜରିଆରେ ପ୍ରଶାସନ ନିକଟରେ ଏକ ବିସ୍ତୃତ ଅଭିଯୋଗପତ୍ର ଦାଖଲ କରାଯାଇଛି । ଅଭିଯୋଗ ଅନୁଯାୟୀ, ପଂଚାୟତରେ ଏକାଧିକ ଉନ୍ନୟନମୂଳକ ପ୍ରକଳ୍ପ ପାଇଁ ସରକାରୀ ଅନୁଦାନ ମଞ୍ଜୁର ହୋଇଥିବା କୁହାଯାଇଥିବା ବେଳେ ଅନେକ ସ୍ଥାନରେ ବାସ୍ତବରେ କୌଣସି କାର୍ଯ୍ୟ ହୋଇନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । କାର୍ଯ୍ୟ ନକରି ମିଥ୍ୟା ଭିତ୍ତି ପ୍ରସ୍ତୁତ କରି ସରକାରୀ ଅର୍ଥ ଆତ୍ମସାତ୍ କରାଯାଇଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି । ଏବେ ପ୍ରଶାସନର ତଦନ୍ତ ଓ ପଦକ୍ଷେପକୁ ଅଂଚଳବାସୀ ଅପେକ୍ଷା କରିଛନ୍ତି ।

ବିପଦ ଅବସ୍ଥାରେ ଯାଜପୁର ସହର ମୁଖ୍ୟ ରାସ୍ତା



ଯାଜପୁର, ୧୧/୧୧ (ଆ.ପ୍ର) : ମରଣଯନ୍ତ୍ରା ପାଲଟିଛି ଯାଜପୁର ସହର ର ମୁଖ୍ୟ ରାସ୍ତା । ବଡ଼ଡଙ୍ଗର ବ୍ଲକ ଠାରୁ ନାଗାୟଣ ବ୍ଲକ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି । ଯାଜପୁରର ଗଣପର୍ବ ପବିତ୍ର କାଳୀପୂଜା ଆରମ୍ଭ ହେଉଥିବା ବେଳେ ମୁଖ୍ୟ ରାସ୍ତା ମଝିରେ ଏକ ବିଶାଳ ଖାଲ ପରିଲକ୍ଷିତ ହେଉଛି । ଆଉ ଏଣ୍ଡ ବି ପକ୍ଷରୁ ଏହି ରାସ୍ତା ପାଇଁ ଯେଉଁ ଠିକାଦାରଙ୍କୁ ନିୟୋଜିତ କରିଥିଲେ, ଠିକାଦାର ବାବୁ ଜଣଙ୍କ ନିମ୍ନ ମାନର କାର୍ଯ୍ୟ କରି ଅଧିକାରୀ ବାବୁଙ୍କ ସହିତ ମଧୁଚଯିକା ସମ୍ପର୍କ କରି ବିଲ୍ ପାସ୍ କରି ଆଗାମୀଦାୟକ ଜୀବନ ବିତାଉଛନ୍ତି । ଏପରେ ଜନସାଧାରଣ ନିଜ ଜୀବନକୁ ବାଜିଲଗାଇ ସେହି ରାସ୍ତା ଦେଇ ଯିବାଆସିବା କରୁଛନ୍ତି । ବର୍ତମାନ ଯାଜପୁରର ଗଣପର୍ବ ପବିତ୍ର କାଳୀପୂଜା ଆରମ୍ଭ ହେଉଥିବା ବେଳେ ପ୍ରତ୍ୟେକ ଦିନ ଶହଶହ ଜନସାଧାରଣ ସେହି ରାସ୍ତା ଦେଇ ଯିବାଆସିବା କରୁଛନ୍ତି । କିଛି ବି ଅଘଟଣ ଘଟିପାରେ । ସେଥିପାଇଁ ବାଲି କିଏ । ଜିଲ୍ଲା ପ୍ରଶାସନ ପକ୍ଷରୁ ଏଥିପ୍ରତି ତୁରନ୍ତ ଦୃଷ୍ଟି ଆକର୍ଷଣ କରିବା ସହିତ ଠିକାଦାରଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଗାସ୍ତାଟିର କାର୍ଯ୍ୟ ତୁରନ୍ତ ନିର୍ମାଣ କରିବା ପାଇଁ ଯାଜପୁରବାସୀ ଦାବି କରିଛନ୍ତି ।

ଜାତୀୟ ଆଇନ ସେବା ଦିବସ ଉପଲକ୍ଷେ ଟିଏମ୍ ଉଚ ବିଦ୍ୟାଳୟ, ଉପଲଡ଼ାଠାରେ ସଚେତନତା କାର୍ଯ୍ୟକ୍ରମ



ପାରଳାଖେମୁଣ୍ଡି, ୧୧/୧୧ (ଆ.ପ୍ର) : ଜାତୀୟ ଆଇନ ସେବା ଦିବସ ପାଳନ ଅବସରରେ ଗଜପତି ଜିଲ୍ଲାର ଉପଲଡ଼ାସ୍ଥିତ ଟାଗୋର ମେମୋରିଆଲ ଉଚ ବିଦ୍ୟାଳୟ ପରିସରରେ ଗଜପତି ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲା ଦୌରାଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଜଗଦୀଶ ପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଜାତୀୟ ଆଇନ ସେବା ଦିବସର ମହତ୍ୱ, ମାଗଣା ଆଇନ ସହାୟତାର ଆବଶ୍ୟକତା ତଥା ଶିଶୁ ଶ୍ରମିକ ପ୍ରଥାର ନିରାକରଣ ସମ୍ପର୍କରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ କରାଯାଇ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲା । ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଶିଶୁ ଶ୍ରମିକ ପ୍ରଥା ଉପରେ ଏକ ହୃଦୟସ୍ପର୍ଶୀ ସଚେତନତାମୂଳକ ନାଟକ ପରିବେଷଣ କରାଯାଇଥିଲା । ଏଥି ସହିତ ଏହି ଦିବସ ଉପଲକ୍ଷେ ପୂର୍ବତ୍ୱ ଆୟୋଜିତ ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ସର୍ବ ଶେଷରେ ସାଧାରଣ ଜନତାଙ୍କ ମଧ୍ୟରେ ଆଇନ ସେବା ଓ ଆଇନଗତ ଅଧିକାର ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଛାତ୍ରଛାତ୍ରୀ, ଶିକ୍ଷକ ଓ ସ୍ଥାନୀୟ ଜନସାଧାରଣଙ୍କ ଅଂଶଗ୍ରହଣରେ ଏକ ବିଶାଳ ସଚେତନତାମୂଳକ ଶୋଭାଯାତ୍ରା ମଧ୍ୟ ଆୟୋଜିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ବିମଳ ରାଉତ, ସିନିୟର କୋର୍ଟ କଣ୍ଟେଷ୍ଟାର ସତ୍ୟଭ୍ରତ ରଣା, ରାଜପ୍ରାପ୍ତ କ୍ୟାଡର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର, ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ମନ୍ତନା ଲୋକନାଦମ, ସମାଜସେବୀ ଲିଙ୍ଗରାଜ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଉପସ୍ଥିତ ଜନସାଧାରଣ ଓ ଛାତ୍ରଛାତ୍ରୀମାନଙ୍କୁ ଆଇନ ସଚେତନତାମୂଳକ ବାର୍ତ୍ତା ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଖିଲା ଧର୍ମା ରାଓ ସମସ୍ତଙ୍କୁ ସାହାଯ୍ୟ ସହଯୋଗ ନିମନ୍ତେ ଧନ୍ୟବାଦ ଅର୍ପଣ କରିଥିଲେ ।

କମ୍ରେଡ୍ ରବି ଦାସଙ୍କ ସ୍ମୃତିରେ ଶୋକସଭା



ଖୋର୍ଦ୍ଧା ଭୁବନେଶ୍ୱର, ୧୧/୧୧ (ଆ.ପ୍ର) : ଭୁବନେଶ୍ୱରସ୍ଥିତ ରୋଜିଥା ଏକାଡେମୀ ଠାରେ ରବି ଦାସ ସ୍ମୃତି କମିଟି ପକ୍ଷରୁ କମ୍ରେଡ୍ ରବି ଦାସଙ୍କ ସ୍ମୃତିରେ ଏକ ଶୋକସଭା ଓ ସ୍ମୃତିଚାରଣ ସଭା ଆୟୋଜିତ ହୋଇଥିଲା । ବରିଷ୍ଠ କାମପଲ୍ଲୀ ନେତା ଗାଧାକାନ୍ତ ସେଠାଙ୍କ ଅଧ୍ୟକ୍ଷତାରେ ଓ ଚିତ୍ର ମହାନ୍ତିଙ୍କ ସଞ୍ଚାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପ୍ରସେସର ବିଜୟ ଭାଜିନାପତି, ପ୍ରସେସର ଜୀରେନ୍ଦ୍ର ନାୟକ, ପୂର୍ବତନ ମନ୍ତ୍ରୀ ଶଶିଭୂଷଣ ବେହେରା, ପ୍ରମିଳା ବେହେରା, ଭାଲି ଦାସ, ପ୍ରସେସର ସ୍ୱାଧୀନ ପଟ୍ଟନାୟକ, ଏଡ୍ୱୋକ୍ସ ପଟ୍ଟନାୟକ ଓ ଜତି ବିଜୟ ସିଂହଙ୍କ ସମେତ ବହୁ ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ଜାତିବାଦୀ ବିଚାରଧାରାର ଅନୁଗାମୀ ଯୋଗଦେଇଥିଲେ । ସଭାରେ ବକ୍ତାମାନେ କମ୍ରେଡ୍ ରବି ଦାସଙ୍କ ଜୀବନ, ରାଜନୈତିକ ବିଚାରଧାରା, ସାମାଜିକ ଅବଦାନ ଓ ସଂଘର୍ଷମୟ ଜୀବନକୁ ସ୍ମରଣ କରିଥିଲେ । ତାଙ୍କ ଜୀବନ ଓ କାର୍ଯ୍ୟକୁ ଆଗାମୀ ପିଢ଼ି ନିକଟରେ ପଂଚଂଚାଇବା ଏବଂ ତାଙ୍କ ବିଚାରଧାରାର ଐତିହାସିକ ମୂଲ୍ୟାଙ୍କନ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହି ଅବସରରେ ମହେନ୍ଦ୍ର ପରିଡ଼ା କମ୍ରେଡ୍ ରବି ଦାସଙ୍କ ଜୀବନୀ ଓ ରାଜନୈତିକ ପୃଷ୍ଠଭୂମି ସମ୍ପର୍କିତ ଏକ ପ୍ରୋଫାଇଲ୍ ପାଠ କରିଥିଲେ । ସେ ରବି ଦାସଙ୍କ ଜୀବନର ବିଭିନ୍ନ ଦିଗ, ରାଜନୈତିକ ଯାତ୍ରା ଓ ତତ୍କାଳୀନ ସାମାଜିକ-ରାଜନୈତିକ ପରିସ୍ଥିତିକୁ ଉପସ୍ଥାପନ କରିଥିଲେ । କବି ବିଜୟ ସିଂହ ମଧ୍ୟ ନିଜର ସ୍ମୃତିଚାରଣ ମାଧ୍ୟମରେ କମ୍ରେଡ୍ ରବି ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ସଭାରେ ଯୋଗଦେଇଥିବା ସମୟେ ତାଙ୍କ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧା ଓ ସମ୍ମାନ ପ୍ରକାଶ କରିବା ସହ ତାଙ୍କ ଜୀବନ ଓ ରାଜନୈତିକ ଯାତ୍ରାର ବଳିଷ୍ଠାକରଣ କରିବାର ଆବଶ୍ୟକତା ଉପରେ ମତ ରଖିଥିଲେ । ରବି ଦାସଙ୍କ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ।

ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ପାଳନ ପୂର୍ବରୁ ବିଦ୍ୟାଳୟସ୍ତରୀୟ ପ୍ରବନ୍ଧ ଓ ବିତର୍କ ପ୍ରତିଯୋଗିତା ଆୟୋଜିତ



ନବରଙ୍ଗପୁର, ୧୧/୧୧ (ଆ.ପ୍ର) : ମହାନ ସ୍ୱାଧୀନତା ସଂଗ୍ରାମୀ, ଆଦିବାସୀ ଜନନାୟକ ତଥା ଅମର ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ପାଳନ ଉପଲକ୍ଷେ ଆଜି ନବରଙ୍ଗପୁରସ୍ଥିତ ଜେ.ଇ.ଏଲ୍.ସି. ଉଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟସ୍ତରୀୟ ଛାତ୍ରଛାତ୍ରୀଙ୍କୁ ନେଇ ପ୍ରବନ୍ଧ ଲିଖନ ଓ ବିତର୍କ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ଶହୀଦ ଲକ୍ଷ୍ମଣ ନାୟକଙ୍କ ଅଦମ୍ୟ ଦେଶପ୍ରେମ, ସାହସିକତା, ଆତ୍ମତ୍ୟାଗ ଓ ମାତୃଭୂମିର ସ୍ୱାଧୀନତା ପାଇଁ ତାଙ୍କର ଅତିସ୍ମରଣୀୟ ସଂଘର୍ଷମୟ ଜୀବନଗାଥାକୁ ଛାତ୍ରଛାତ୍ରୀଙ୍କ ନିକଟରେ ପହଂଚାଇବା ଏହି ପ୍ରତିଯୋଗିତାର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏଥିସହିତ ନୂତନ ପିଢ଼ିଙ୍କ ମଧ୍ୟରେ ଜାତୀୟତାବୋଧ, ଦେଶପ୍ରେମ ଓ ଐତିହ୍ୟିକ ବିଚାରଧାରେ ସହାୟକ ହେବ ବୋଲି ଆଶା ପ୍ରକାଶ କରାଯାଇଛି । ସୂଚନାଯୋଗ୍ୟ ଯେ, ଆସନ୍ତା ୨୨ ନଭେମ୍ବର ୨୦୨୬ ତାରିଖରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ଜିଲ୍ଲାସ୍ତରରେ ପାଳନ କରାଯିବ । ଏହି ଅବସରରେ ଆଜି ଅନୁଷ୍ଠିତ ପ୍ରବନ୍ଧ ଓ ବିତର୍କ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ସମାରୋହର ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯିବ । ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୀବନ, ଆଦର୍ଶ ଓ ଆତ୍ମବଳିଦାନ ଆଜି ମଧ୍ୟ ଦେଶର ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ଅକ୍ଷୟ ଉତ୍ସ । ତାଙ୍କର ଅମର ସୃତିକୁ ଜୀବନ୍ତ ରଖିବା ସହ ତାଙ୍କ ଆଦର୍ଶକୁ ନୂତନ ପିଢ଼ି ମଧ୍ୟରେ ପ୍ରସାର କରିବା ଏହି ଜୟନ୍ତୀ ପାଳନର ମୂଳ ଲକ୍ଷ୍ୟ ।

ଦୀପାବଳୀ ଉତ୍ସବ, ଭଜନ ସନ୍ଧ୍ୟାରେ ମତୁଆଲା ହେଲେ ଦର୍ଶକ

ଉଣାଇଁ, ୧୧/୧୧ (ଆ.ପ୍ର) : ଆଲୋକର ପର୍ବ ଦୀପାବଳୀ କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ଏହା ଭାରତୀୟ ସଂସ୍କୃତି, ଐତିହ୍ୟ, ଆଧ୍ୟାତ୍ମିକ ଚେତନା, ସାମାଜିକ ଏକତା ଓ ମାନବୀୟ ମୂଲ୍ୟବୋଧର ଏକ ମହାନ ପ୍ରତୀକ । ଅମାବାସ୍ୟାର ଘନ ଅ



ଆରମ୍ଭ
SEITHO ARAMBHA



ଗୁରୁବାର, ୧୨ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦାବୀ
ଶିଶୁ ବିଶେଷଜ୍ଞ ନଥିବା ଯୋଗୁଁ ଜନ ଅସନ୍ତୋଷ

ଜି.ଉଦୟଗିରି, ୧୧/୧୧ (ଆ.ପ୍ର) : କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ସହରରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଆବଶ୍ୟକତା ଅନୁଯାୟୀ ବିଶେଷଜ୍ଞ ଡାକ୍ତର ନଥିବା ଯୋଗୁଁ ଅଂଚଳରେ ଘୋର ଜନ ଅସନ୍ତୋଷ ବୃଦ୍ଧି ପାଇଚାରେ ଲାଗିଛି । ବହୁ ଦିନର ଅନେକ ଅଞ୍ଚଳର ପ୍ରସୂତି ମହିଳାଙ୍କୁ ଚିକିତ୍ସା ପାଇଁ ଏଠାକୁ ଆସିବାକୁ ପଡୁଛି । ଏଠାରେ ଶିଶୁ ରୋଗ ବିଶେଷଜ୍ଞ, ଗାଇନେକ ବିଶେଷଜ୍ଞ ଓ ଶଲ୍ୟ ଚିକିତ୍ସା ବିଶେଷଜ୍ଞ ପଦବୀ ଖାଲି ପଡ଼ିଛି । ପୂର୍ବରୁ ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ସମସ୍ତ ବିଶେଷଜ୍ଞ ଡାକ୍ତର ଥିବାରୁ ଏଠାରେ ସବୁ ସୁବିଧା ପାଇ ପାଉଥିଲେ । ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଗୁରୁତ୍ୱ ସରକାର ଅନୁଭବ କରି ଏହି ହସ୍ପିଟାଲ କୁ ରେଫେରାଲ ଇଉନିଟ ଘୋଷଣା କରିବା ସହ ଏଠାରେ ଏକ ନିସେତକ ବିଭାଗ ପଦବୀ ସୃଷ୍ଟି କରେ କିନ୍ତୁ ଆସ୍ଥାଯାଁର ବିଷୟ ପୁଣି ଏକ ହସ୍ପିଟାଲ ରୁ ରେଫେରାଲ ଇଉନିଟ ସହ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ ।ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦାବରେ ରାଜ୍ୟ ସରକାରଙ୍କ ଅବହେଳା ମୁଖ୍ୟତଃ ସାଧାରଣ ଜନତା ପରିବାର ପାଇଁ ଚିନ୍ତାର କାରଣ ହୋଇଛି ।




ଏପଟେ ଜି.ଉଦୟଗିରି ମ୍ୟାଜେରିଆ ପ୍ରବଣ ଅଂଚଳ ଓ ଏଠାରେ ବହୁ ସଂଖ୍ୟାରେ ସିକଲିଂ ରୋଗୀ ଥିବା ମଧ୍ୟ ଉକ୍ତ ବିଶେଷଜ୍ଞ ଡାକ୍ତର ନଥିବା ଯୋଗୁ ଲୋକେ ବିଶେଷ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ତେଣୁ ସରକାରଙ୍କ ଡ଼ଗପୁରି ଜି.ଉଦୟଗିରି ଡାକ୍ତରଖାନାକୁ ଯଥା ଶୀଘ୍ର ବିଶେଷଜ୍ଞ ଡାକ୍ତର ନିଯୁକ୍ତି କରିବା ପାଇଁ ସ୍ଥାନୀୟ ଅଂଚଳବାସି ଦାବି କରୁଛନ୍ତି । କାର୍ଯ୍ୟରତ ଗାଏନିକ ଡାକ୍ତର ଉପସ୍ଥିତ ଥିବା ବେଳେ ତାକୁ ଏଠାରୁ ବଦଳି ନକରିବା ଏବଂ ଶିଶୁ ବିଶେଷଜ୍ଞ ଡାକ୍ତର ସହ ଅନ୍ୟ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ପାଇଁ ଅଂଚଳବାସୀ ଦୃଢ଼ ଦାବୀ କରିଥିବା ବେଳେ ଉତ୍ତିଷ୍ୟତରେ ଚିକିତ୍ସା ବେଳେ ଅଂଚଳବାସୀଙ୍କ କିଛି ଅସୁବିଧା ହେଲେ ସେଥିପାଇଁ ସରକାର ଦାୟୀ ରହିବେ ଏବଂ ଜନ ଅସନ୍ତୋଷ ଜନ ଆନ୍ଦୋଳନର ରୂପ ନେବ ବୋଲି ବିଭିନ୍ନ ସଂଗଠନରେ ଆଲୋଚନା ହେଉଛି ।

କିଣ୍ଟ୍ରାରେ ବେଆଇନ ଗଞ୍ଜେଇ ଚାଷ, ବିଭାଗୀୟ ନିରବତା ପଛରେ କାହାର ହାତ ?



ଉଣାଇଁ, ୧୧/୧୧ (ଆ.ପ୍ର) : ଜଙ୍ଗଲ ଓ ପାହାଡ଼ ଘେରା ଆଦିବାସୀ ଅଧ୍ୟୁଷିତ ଉଣାଇ ଅଂଚଳରେ ବେଆଇନ ଗଞ୍ଜେଇ ଚାଷକୁ ନେଇ ଏବେ ଏକ ଗମ୍ଭୀର ପ୍ରଶ୍ନ ମୁଣ୍ଡ ଟେକିଛି । ଗୁରୁଣ୍ଡିଆ ବ୍ଲକ୍ର କୁଶେଇଡିହା ପଂଚାୟତ ଅନ୍ତର୍ଗତ ଜିଣ୍ଡୋ ଗାଁ ଓ ଏହାର ଆଖପାଖ ଅଂଚଳରେ ବ୍ୟାପକ ଭାବେ ଗଞ୍ଜେଇ ଚାଷ ହେଉଥିବା ଅଭିଯୋଗ ସାମ୍ନାକୁ ଆସିବା ପରେ ମଧ୍ୟ ସମ୍ପୃକ୍ତ ବିଭାଗଗୁଡ଼ିକର ଦୃଶ୍ୟମାନ ତତ୍ପରତା ନଥିବା ନେଇ ସାଧାରଣରେ ଅସନ୍ତୋଷ ବଢୁଛି । ଆଦିବାସୀଙ୍କ ସରକଡାର ସୁଯୋଗ ନେଇଛନ୍ତି ବାହାର ଅଂଚଳର ଅଥାଧୁ ବ୍ୟବସାୟୀ ! ଅଭିଯୋଗ ଅନୁଯାୟୀ, ଟାଡ଼ଗୁଣ୍ଡ ଓ ଛତିଶଗଡ଼ ଅଂଚଳର କିଛି ଅଥାଧୁ ବ୍ୟବସାୟୀ ସ୍ଥାନୀୟ ଆଦିବାସୀଙ୍କୁ ଅଧିକ ଅର୍ଥ ରୋଜଗାରର ପ୍ରଲୋଭନ ଦେଖାଇ ଏହି ବେଆଇନ କାରବାରରେ ସାମିଲ କରୁଛନ୍ତି । ଫଳରେ ଅଳ୍ପ କିଛି ଟଙ୍କାର ଲୋଭରେ ସ୍ଥାନୀୟ ନିରୀହ ଲୋକେ ଆଇନର ଜାଲରେ ଛନ୍ଦି ହେବାର ଆଶଙ୍କା ରହୁଥିବା ବେଳେ ପ୍ରକୃତ ଲା । ଭ ଖୋ । ର ବ୍ୟବସାୟୀମାନେ ପରଦା ପଛରେ ରହିଯାଉଥିବା ନେଇ ସନ୍ଦେହ ପ୍ରକାଶ ପାଉଛି । ପ୍ରଶ୍ନ ଉଠୁଛି, ଯେଉଁମାନେ ଏହି ବେଆଇନ କାରବାରରୁ ମୋଟା ଅଙ୍କର ଲାଭ ଉଠାଉଛନ୍ତି, ସେମାନେ କିଏ ? ସ୍ଥାନୀୟ ଅଂଚଳରେ ଏତେ ବଡ଼ ଧରଣର ଚାଷ ହେଉଥିବା ଅଭିଯୋଗ ଥିବା ସତ୍ତ୍ୱେ ଏହାର ପ୍ରକୃତ ସୂତ୍ରଧରଙ୍କୁ ଚିହ୍ନଟ କରାଯାଇପାରୁନାହିଁ କାହିଁକି ? ପୂର୍ବ ଘଟଣାରୁ ଶିକ୍ଷା ନେଲାନି କି ବିଭାଗ ? ଉଲ୍ଲେଖଯୋଗ୍ୟ ଯେ, ଗତବର୍ଷ ବଣାଗଡ଼ ବ୍ଲକ୍ର ଉଉଘାଟ ଓ ଗୁରୁଣ୍ଡିଆ ଅଂଚଳରେ ବ୍ୟାପକ ଗଞ୍ଜେଇ ଚାଷ ହେଉଥିବା ଘଟଣା ସାମ୍ନାକୁ ଆସିବା ପରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ମାଟିଷ୍ଟେକ୍ ଉପସ୍ଥିତିରେ ଗଞ୍ଜେଇ ଗଛ ନଷ୍ଟ କରାଯାଇଥିଲା । ତେବେ ଏତେ ସବୁ ପଦକ୍ଷେପ ସତ୍ତ୍ୱେ ଚଳିତବର୍ଷ ପୁଣି ସମାନ ଅଭିଯୋଗ ଉଠିବା ବିଭାଗୀୟ ନିରୀକ୍ଷଣ ବ୍ୟବସ୍ଥାର ଦୁର୍ବଳତାକୁ ପ୍ରକାରେ ପ୍ରକାଶକରିଛି କି ? ସାମାଜିକ ଗଣମାଧ୍ୟମରେ ଅଭିଯୋଗ ପ୍ରକାଶିତ ହେବା ପରେ ମଧ୍ୟ ଯଦି ଉପଯୁକ୍ତ ସାଂଚ ପ୍ରକ୍ରିୟା ଦୃଶ୍ୟମାନ ହେଉନାହିଁ, ତେବେ ସାଧାରଣ ଲୋକେ କାହା ଉପରେ ଭରସା କରିବେ ? ବନ ବିଭାଗ ଓ ଅବକାରୀ ବିଭାଗର ନିରବତା କେବଳ ପ୍ରଶାସନିକ ଅବହେଳା ନା ଏହା ପଛରେ ଅନ୍ୟ କିଛି କାରଣ ରହିଛି ? ଏହାର ନିରପେକ୍ଷ ତଦନ୍ତ ହେବା ଜରୁରୀ । ଆଇନର ଜାଲରେ ଗରିବ, ମାଫିଆଙ୍କ ପାଇଁ ଅଭୟ ଆଶ୍ରୟ ? ଗଞ୍ଜେଇ ଚାଷ ଓ ଏହାର ବେଆଇନ କାରବାର ରୋକିବା ପାଇଁ ଦେଖରେ କଠୋର ଆଇନ ରହିଛି । ତଥାପି ଏଭଳି ଅଭିଯୋଗ ବାରମ୍ବାର ସାମ୍ନାକୁ ଆସିବା ଅନେକ ପ୍ରଶ୍ନ ସୃଷ୍ଟି କରୁଛି । ଯଦି ଏହି ଅଭିଯୋଗର ସତ୍ୟତା ରହିଛି, ତେବେ ଜେଜବ ଚାଷରେ ସାମିଲ ହୋଇଥିବା ଗରିବ ଆଦିବାସୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ବାର୍ଯ୍ୟ ପାଉଥିଲେ ହେତ ନାହିଁ । ଏହା ପଛରେ ଥିବା ଅର୍ଥ ଯୋଗାଣକାରୀ, ମୁଖ୍ୟ ସୂତ୍ରଧର ଓ ବେଆଇନ ବ୍ୟବସାୟରେ ସମ୍ପୃକ୍ତ ସମସ୍ତଙ୍କୁ ଚିହ୍ନଟ କରିବା ଆବଶ୍ୟକ । କାରଣ, ଯେଉଁ ଆଦିବାସୀ ପରିବାର ଆର୍ଥିକ ଅଭାବ ଯୋଗୁଁ ପ୍ରଲୋଭନର ଶିକାର ହେଇଛନ୍ତି, ସେମାନଙ୍କୁ ସଚେତନ କରିବା ସହ ଏହି ବେଆଇନ କେନ୍ଦ୍ରଗୁଡ଼ିକୁ ମୂଳୋତ୍ପାଟନ କରିବା ଦେହଇଛି ପ୍ରଶାସନର ପ୍ରକୃତ ଦାୟିତ୍ୱ । ପ୍ରଶାସନ ନିରବ୍ ଉଠିବ କେବେ ? ଏବେ ସଚେତନ ନାଗରିକ ମହଲରେ ଦାବି ହେଉଛି, ଜିଲ୍ଲା ପ୍ରଶାସନ, ଅବକାରୀ ବିଭାଗ ଓ ବନ ବିଭାଗ ତୁରନ୍ତ କିଣ୍ଟ୍ରା ଗାଁ ଓ ଏହାର ଆଖପାଖ ଅଂଚଳରେ ନିରପେକ୍ଷ ତଦନ୍ତ କରନ୍ତୁ । ଅଭିଯୋଗର ସତ୍ୟାସତ୍ୟ ଯାଂଚ କରି ବେଆଇନ ଚାଷକୁ ରୋକିବା ସହ ଏହା ପଛରେ ଥିବା ପ୍ରକୃତ ମାସ୍ତରମାଇଣ୍ଡଙ୍କୁ ଆଇନ ପରିସରକୁ ଆଣନ୍ତୁ । ଏଥିସହ ଯଦି କୌଣସି ସରକାରୀ କର୍ମଚାରୀଙ୍କ ସମ୍ପୃକ୍ତି କିମ୍ବା କର୍ତବ୍ୟରେ ଅବହେଳା ପ୍ରମାଣିତ ହୁଏ, ତେବେ ସେମାନଙ୍କ ବିରୋଧରେ ମଧ୍ୟ କଠୋର ପଦକ୍ଷେପ ନିଆଯାଉ । ଶେଷରେ ବଡ଼ ପ୍ରଶ୍ନ - କିଣ୍ଟ୍ରାରେ ଗଞ୍ଜେଇ ଚାଷ ଅଭିଯୋଗର ତଦନ୍ତ ହେବ ତ ? ନା ପ୍ରତିବର୍ଷ ଏଭଳି ଅଭିଯୋଗ ଉଠିବ ଏବଂ ବେଆଇନ କାରବାରର ଅସଲି ଖେଳାଳିମାନେ ପ୍ରଶାସନର ଆଖି ଆଗରେ ଖସିଯିବେ ? ଏହାର ଉତର ଏବେ ଅଂଚଳବାସୀ ଅପେକ୍ଷା କରିଛନ୍ତି ।

ସୁବର୍ଣ୍ଣପୁରରେ ଗିରିଗୋବର୍ଦ୍ଧନ ପୂଜା ଅନୁଷ୍ଠିତ



ପାତ୍ରପୁର, ୧୧/୧୧ (ଆ.ପ୍ର) : ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ ଜଉଡା ପଂଚାୟତ ଅନ୍ତର୍ଗତ ସୁବର୍ଣ୍ଣପୁର ଗାଉଡ଼ର ଉକ୍ତ ମାନଙ୍କ ଦ୍ୱାରା ଗିରି ଗୋବର୍ଦ୍ଧନ ପୂଜା ଅନୁଷ୍ଠିତ ହୋଇଯାଇଛି । ଗ୍ରାମର ପଶ୍ଚିମ ଭାଗରେ ଅବସ୍ଥିତ ଜରାସନ୍ଧ ପର୍ବତ ପ୍ରକ୍ରାରୁ ଉକ୍ତମାନେ ଯାଇ ପୂଜା ଅର୍ଚ୍ଚନା କରିଥିବା ବେଳେ ଗୁଡ ଯଜ୍ଞ, ଅର୍ଘ ଯଜ୍ଞ ଓ ନାମ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ଗୋ ପାଳକ ମାନଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିବା ବେଳେ ଗାଉ ମାନଙ୍କୁ ଖିରି ପିଠା ପ୍ରଦାନ କରାଯାଇଥିଲା । ପୁରୋହିତ ରାମାନୁଜ ଆଚାର୍ଯ୍ୟ ଯଜ୍ଞ କାର୍ଯ୍ୟ ପରିଚାଳନା କରିଥିବା ବେଳେ ପୂଜାରୀ ବିଶ୍ୱନାଥ ଦାଉତ୍ୟା ସହଯୋଗ କରିଥିଲେ । ଗ୍ରାମବାସୀ ଓ ଭାଗବତ ଉକ୍ତ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

ଗିରି ଗୋବର୍ଦ୍ଧନ ମହୋତ୍ସବ ପାଳିତ




ଡାଣପୁର/ତିଲିଗା, ୧୧/୧୧ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ଡାଣପୁର ବ୍ଲକ ଅନ୍ତର୍ଗତ କୋଳଥଡିହ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ୯ ଓ ୧୦ ତାରିଖ ଦୁଇ ଦିନ ମହାସମାରୋହରେ ଗିରି ଗୋବର୍ଦ୍ଧନ ମହୋତ୍ସବ ପାଳିତ ହୋଇଯାଇଛି । ପୁରାଣ ବର୍ଣ୍ଣିତ ଦ୍ୱାପର ଯୁଗରେ ଗୋପପୁରବାସୀ ବର୍ଷା ପାଇଁ ଇନ୍ଦ୍ରଦେବଙ୍କୁ ପୂଜା ନ କରି ଗିରି ଗୋବର୍ଦ୍ଧନ ପର୍ବତକୁ ପୂଜା କରିଥିଲେ । ଫଳରେ ଇନ୍ଦ୍ରଦେବ ରୋଷ ହୋଇ ସାତଗାଡି ସାତଦିନ ପ୍ରବଳ ବର୍ଷା କରିଥିଲେ । ଏହିପରି ଏକ ମହାବିପଦରୁ ଶ୍ରୀକୃଷ୍ଣ ଗିରି ଗୋବର୍ଦ୍ଧନକୁ ନିଜ ହାତରେ ଧାରଣ କରି ଗୋପପୁରବାସୀଙ୍କୁ ରକ୍ଷା କରିଥିବାରୁ ସେହି ଦିନଠାରୁ ପରମ୍ପରା ତଥା ଜଗନ୍ନାଥ ସଂସ୍କୃତିର ଉଜ୍ଜାଡିର ପାଇଁ ଓଡ଼ିଶାର ପୁରପଲ୍ଲୀରେ ଗିରି ଗୋବର୍ଦ୍ଧନ ମହୋତ୍ସବ ପାଳିତ ହୋଇଆସୁଛି । କୋଳଥଡିହ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଗ୍ରାମ ଦେବୀ ଠାରୁ ପ୍ରତିବର୍ଷ ବାଦ୍ୟବିବାଦ ଧ୍ୱନି ଝାଡାଗାର ସହ ମହୋତ୍ସବ ଗିରି ଗୋବର୍ଦ୍ଧନ ପାହାଡ଼ ଉପରେ ପାଳନ କରିଆସୁଛନ୍ତି । ଚଳିତ ବର୍ଷ ୨୦ ମୋଳ କୋଳଥଡିହ, ନରେନ୍ଦ୍ର ପୁର, ଗମେଲ, ଆଳୁଖାପଡର, ଖାଲୁଣି, ରାମଚନ୍ଦ୍ରପୁର, ବାଘୋଳ, ଧେଣ୍ଡୁଗାପଲ୍ଲି, ସାହସପୁର, ଦେଓଗାଁ, ଓଡ଼ଗାଁ, ଏକତାଳିଆ, ବଖମୁଣ୍ଡାଳ, ମନଜାହୁପର, ଗଉଡାପୁର ପ୍ରମୁଖ ସଂକୀର୍ତନ ମଣ୍ଡଳୀକୁ ନିମନ୍ତ୍ରଣ କରି ଶ୍ରୀକୃଷ୍ଣଚରିତାମୃତ ପରିବେଷଣ କରି ସମ୍ଭାରୁ ଦୁଃଖ କ୍ଲେଶ ଦୂର କରିବା ଏବଂ ସୁସ୍ଥ ସମାଜ ଗଠନ ପାଇଁ ପ୍ରାର୍ଥନା କରିଥିଲେ । ପବିତ୍ର କାର୍ତିକ ମାସରେ ମାସ ସଂକୀର୍ତନ ସହ ଦୁଇ ଜଗାରୁ ଉର୍ଦ୍ଧ୍ୱ ଶ୍ରଦ୍ଧାକୁ ଅନ୍ନ ପ୍ରସାଦ ପ୍ରଦାନ କରାଯାଇଥିଲା । ଏହି ଆଧ୍ୟାତ୍ମିକ କାର୍ଯ୍ୟ କ୍ରମରେ କୋଳଥଡିହ ଗ୍ରାମର ସମାଜ ସେବୀ ଭାମନ ଚରଣ ଦାସ, ପଙ୍କଜ ଚରଣ ଦାସ, ଶ୍ୟାମବୋଦ ଚନ୍ଦ୍ର ଦାସ, ନିରଞ୍ଜନ ଦାସ, ଅରୁଣ କୁମାର ଦାଉଜି ମଲୁ ଦାସ, ବିନୋଦ ବିହାରୀ ଦାସଙ୍କ ସମେତ ଯୁବକ ସଙ୍ଘ ଓ ଗ୍ରାମବାସୀଙ୍କ ସହଯୋଗରେ ଏହି ଗିରିଗୋବର୍ଦ୍ଧନ ଉତ୍ସବରେ ବହୁ ଶ୍ରଦ୍ଧାଳୁ ଯୋଗ ଦେବା ସହିତ ଭକ୍ତିମୟ ପରିବେଶ ସୃଷ୍ଟି ହୋଇପାରିଥିଲା ।

ଝରୀଗାଁରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ସଫଳତାର ସହ ସମ୍ପନ୍ନ



ଝରୀଗାଁ, ୧୧/୧୧ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ଝରୀଗାଁରେ ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ ଆୟୋଜିତ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ମତ୍ସ୍ୟଚାଷ ଓ ପ୍ରାଣୀପାଳନ ମାଧ୍ୟମରେ ଚାଷୀମାନଙ୍କୁ ଆତ୍ମନିର୍ଭରଶୀଳ କରିବା ସହ ସେମାନଙ୍କ ଆର୍ଥିକ ସ୍ଥିତି ଓ ଜୀବନଜୀବିକାକୁ ସୁଦୃଢ଼ କରିବା ଏହି ମେଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି କାର୍ଯ୍ୟକ୍ରମରେ ଝରୀଗାଁ ବିଧାୟକ ନରସିଂହ ଭରତା, ସାଂସଦ ପ୍ରତିନିଧି ଚନ୍ଦ୍ରଭାନୁ ନାୟକ, ବିଧାୟକ ପ୍ରତିନିଧି ଗଣପତି ସାହୁ, ବିଡିଓ ମଧୁସୂଦନ ମାଝୀ, ବିଡିପିଓ କୃଷ୍ଣ ମୋଇଁ ସରାପତି ଜଗଦୀଶ କଲାଚ, ବ୍ଲକ ଅଧ୍ୟକ୍ଷ ଦୁର୍ଗା ମାଝୀ, ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ମାନୋରଞ୍ଜନ ନନ୍ଦ, ଭାମାନାଥ ପ୍ରାଣୀ ଚିକିତ୍ସା ଅଧିକାରୀ ଶୁଭସ୍ମିତା ନନ୍ଦ, ଅତିରିକ୍ତ ମତ୍ସ୍ୟ ଅଧିକାରୀ ଅଶ୍ୱିନୀ ଜେନା, ପ୍ରାଣୀ ଚିକିତ୍ସା ଅଧିକାରୀ ଅଳୟ କୁମାର ମାଝୀ ଏବଂ କନିଷ୍ଠ ମତ୍ସ୍ୟ ଅଧିକାରୀ ଉତମ ଖଲୁକ ସମେତ ବିଭିନ୍ନ ବିଭାଗର ପ୍ରତିନିଧି, ବ୍ଲକ ପ୍ରଶାସନିକ ଅଧିକାରୀ ଓ ଶତାଧିକ ଚାଷୀ ଏବଂ ମତ୍ସ୍ୟଚାଷୀ ଯୋଗଦେଇଥିଲେ ।ବିଭିନ୍ନ ଷ୍ଟାଲ ବୁଲି ଅତିଥି ବିଭିନ୍ନ ଜାତିଥିଲେ ଓ ଏହି ଅବସରରେ ମତ୍ସ୍ୟଚାଷ ଓ ପ୍ରାଣୀସମ୍ପଦର ବିକାଶ, ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ ଏବଂ ବିଭିନ୍ନ ସରକାରୀ ଯୋଜନାର ସୁଫଳ ଚଷୀମାନଙ୍କ ନିକଟରେ ପହଂଚାଇବା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ ଷ୍ଟାଲ ବୁଲି ଦେଖାଇଥିଲେ । ଏହି ଅବସରରେ କୁକୁଡ଼ା, ଛେଳି, ଅଣ୍ଡା, ମାଛ ଚାଷୀ ମାନଙ୍କୁ ସରକାରଙ୍କ ପ୍ରୋତ୍ସାହନ ରାଶି ଦିଆ ଯାଇଥିବା ବେଳେ ବିଭିନ୍ନ ଚାଷ ପ୍ରକଳ୍ପ ନିମନ୍ତେ କାର୍ଯ୍ୟାଦେଶ ଦିଆଯାଇଥିଲା । କୁକୁଡ଼ା ଚାଷ ପାଇଁ ମମତା ମଲ୍ଲିକ ପଣ୍ଡାଙ୍କୁ ୫୫ ଲକ୍ଷ ଟଙ୍କା କୁଡ଼ିଏ ହଜାର, ଛେଳି ଚାଷୀଙ୍କୁ ଏକ ଲକ୍ଷ କୁଡ଼ିଏ ହଜାର ଏବଂ ମାଛ ଚାଷ ପାଇଁ ଟୁଟିଗୁଡ଼ା ଏସଏଚଜି ଗ୍ରୁପକୁ ୭ଲକ୍ଷ କୁଡ଼ିଏ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା ଯାଇଥିଲା । ରାଜ୍ୟ ସରକାରଙ୍କ ମତ୍ସ୍ୟଚାଷୀମାନଙ୍କ ପାଇଁ 'ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା' (ମତ୍ସକଲ) ମାଧ୍ୟମରେ ରାଜ୍ୟର ୫୦ ହଜାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ୩ ଲକ୍ଷ ମତ୍ସଚାଷୀଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା ସହ ୭ ଲକ୍ଷରୁ ଉର୍ଦ୍ଧ୍ୱ ନିଯୁକ୍ତି ଓ ରୋଜଗାର ସୁଯୋଗ ସୃଷ୍ଟି କରିବାର ଲକ୍ଷ୍ୟ ରହିଛି । ଏହି ଯୋଜନା ମତ୍ସ୍ୟଜୀବୀ, ମହିଳା ଓ ଗ୍ରାମାଂଚଳର ଯୁବବର୍ଗଙ୍କ ପାଇଁ ନୂତନ ଆର୍ଥିକ ସମ୍ଭାବନା ସୃଷ୍ଟି କରିବା ସହ ଆତ୍ମନିର୍ଭରଶୀଳତାର ନୂତନ ଦିଗ ଉନ୍ମୁକ୍ତ କରିବ ବୋଲି ଆଶା ପ୍ରକାଶ କରାଯାଇଛି ।

ବିଜ୍ଞାନ ପ୍ରସାର ମଂଚ ପକ୍ଷରୁ ବିଶ୍ୱ ବିଜ୍ଞାନ ଦିବସ ପାଳିତ



ଜଗତସିଂହପୁର, ୧୧/୧୧ (ଆ.ପ୍ର) : ବିଜ୍ଞାନ ପ୍ରସାର ମଂଚ, ବାଲିକୁଦା ଆନୁକୂଲ୍ୟରେ ଗୁରୁମାପୁର ବ୍ଲକ ଅନ୍ତର୍ଗତ ଗାଡଙ୍ଗ ଉଚ୍ଚ ବିଦ୍ୟାଳୟ ପରିସରରେ ବିଶ୍ୱ ବିଜ୍ଞାନ ଦିବସ ମଞ୍ଚଳବାର ଅପରାହ୍ନ ୩ ଘଟିକା ସମୟରେ ପାଳନ କରାଯାଇଥିଲା । ଏହି ଅବସରରେ ଆୟୋଜିତ ସଭାରେ ପରିଚାଳନା କମିଟିର ସଭାପତି ତଥା ବିଶିଷ୍ଟ ଶିକ୍ଷାବିତ୍ ସୁରେଶ ଚନ୍ଦ୍ର ରାଉତ ଅଧ୍ୟକ୍ଷତା କରିଥିଲେ । ଉକ୍ତ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ତରୁଣ କୁମାର ଜେନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମଂଚର ସମ୍ପାଦକ ତଥା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ମହାନ୍ତି ସଭାର ଉଦ୍ଦେଶ୍ୟ ଜ୍ଞାପନ, ବିଜ୍ଞାନର ଆହ୍ୱାନ, ଶାନ୍ତି ଓ ବିକାଶ ସହିତ ଚଳିତ ବର୍ଷର ବିଶ୍ୱ ବିଜ୍ଞାନ ଦିବସର ବିଷୟବସ୍ତୁ 'ବିଜ୍ଞାନ କୂଟନୀତି ମାଧ୍ୟମରେ ସାଧାରଣ ଶିତି ଭୂମି' ଉପରେ ବକ୍ତବ୍ୟ ରଖିଥିଲେ । ସଭାପତି ରାଉତ୍ରାୟ ଭୋକ ପରିବେଶ ପ୍ରଦୂଷଣ କୁ ରୋକିବା ସହିତ ବିଜ୍ଞାନର ମହତ୍ତ୍ୱକାମି ଦିଗ ଉପରେ ଆଲୋଚନା କରିଥିଲେ । ଶିକ୍ଷାବିତ ରାଉତ୍ରାୟପୁର ବ୍ଲକର ପ୍ରାଜ୍ଞ ମଞ୍ଚକ ଶିକ୍ଷା ଅଧିକାରୀ ବିଜୟ କୁମାର ସ୍ୱାଇଁ ଯୋଗଦେଇ ବେତନିକ ଜିବନରେ ବିଜ୍ଞାନର ଆବଶ୍ୟକତା ଉପରେ ବିସ୍ତର ଆଲୋଚନା କରିଥିଲେ । ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ସ୍ୱାଇଁ ବିଜ୍ଞାନ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଜ୍ଞାନ ପ୍ରତି ଆଗ୍ରହ ସୃଷ୍ଟି କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ଅତିଥି ଶିକ୍ଷକ ସୁକାନ୍ତ ଚରଣ ପାଳ ପିଲାମାନଙ୍କୁ ଶ୍ରୁଙ୍ଖଳିତ ଜୀବନ ଜାପାନ କରିବା ସହିତ ବିଜ୍ଞାନ ପ୍ରତି ଆଗ୍ରହ ଉତ୍ତେଜକ କରିବାକୁ ପ୍ରେରଣା ଦେଇ ଥିଲେ । ଶେଷରେ ସହକାରୀ ଶିକ୍ଷକ ଜୀବରତ୍ନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର କର୍ମଚାରୀ ନିମାଇଁ ଚରଣ ରାଉତ, ସନ୍ତୋଷ କୁମାର ରାଉତ ଓ ଜାହ୍ନବୀ ବିପିଂକା ଇଞ୍ଜୁ ପ୍ରିୟା ମହାନ୍ତି ପରିଚାଳନା କରିଥିଲେ । ଏହି ଉପଲକ୍ଷେ ବିଶିଷ୍ଟ ପ୍ରଶ୍ନୋତର ପ୍ରତିଯୋଗୀତା ରେ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଫଳ



ଆରମ୍ଭ

SEITHO ARAMBHA



ଗୁରୁବାର, ୧୨ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭

ବିଜେପି ଯୁବମୋର୍ଚ୍ଚା ତରଫରୁ ସାମ୍ବାଦିକ ସମ୍ମିଳନୀ
ରାଜନୈତିକ ଆରୋପକୁ ନେଇ କଡ଼ା ଜବାବ

ଜାଜପୁର,୧୧/୧୧ (ଆ.ପ୍ର) : ଜାଜପୁର ଅଂଚଳର ବିକାଶକୁ ନେଇ ରାଜନୀତି ତେଜିଛି । ବିକାଶମୂଳକ କାର୍ଯ୍ୟକୁ ନେଇ ବିଜେଡି ପକ୍ଷରୁ କରାଯାଇଥିବା ରାଜନୈତିକ ଆରୋପ ତଥା ଗ୍ରାମାଞ୍ଚଳ ପ୍ରତାରଣକୁ ନେଇ ଆଜି ବିଜେପି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରାଯାଇ କଡ଼ା ପ୍ରତିବାଦ କରାଯାଇଛି । ବିଜେପି ପକ୍ଷରୁ କୁହାଯାଇଛି ଯେ, ଜାଜପୁରର ବିକାଶ କେବଳ ରାଜନୈତିକ ବୟାନ ବାଜିରେ ସୀମିତ ନୁହେଁ, ବରଂ ଜନସାଧାରଣଙ୍କ ମୌଳିକ ସମସ୍ୟାର ସମାଧାନ ଓ ଭିତ୍ତିଭୂମିର ଉନ୍ନତି ହିଁ ପ୍ରକୃତ ବିକାଶର ପରିଚୟ । ବିଶେଷକରି ରାସ୍ତାଘାଟ, ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ଯୁବକଙ୍କ ନିଯୁକ୍ତି ଓ ସ୍ଥାନୀୟ ଜନସାଧାରଣଙ୍କ



ମୌଳିକ ସୁବିଧାକୁ ନେଇ ବିଜେପି ପକ୍ଷରୁ ପ୍ରଶ୍ନ ଉଠାଯାଇଛି । କେବଳ ରାଜନୈତିକ ଦୃଷ୍ଟିକୋଣରୁ ବିକାଶକୁ ବିଚାର ନକରି ବୃଣମୂଳ ସ୍ତରରେ ଲୋକଙ୍କ ସମସ୍ୟାକୁ ଅନୁଧ୍ୟାନ କରିବାକୁ ବିଜେପି ଆହ୍ୱାନ ଦେଇଛି । ଅନ୍ୟପଟେ ବିଜେପିର ଯୁକ୍ତି ହେଲଛି, ବିକାଶର ଶ୍ରେୟ ନେବା ପାଇଁ ରାଜନୈତିକ ବୟାନବାଜି ଜରିଆ ପରିବର୍ତ୍ତେ ଜନସାଧାରଣଙ୍କ ପକ୍ଷରୁଙ୍କରେ କାମର ହିସାବ ଉଖାଯିବା ଉଚିତ । ଜାଜପୁରର ସାମ୍ବାଦିକ ବିକାଶ ପାଇଁ ବଦାୟ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ସମସ୍ତେ ଜାମ ଜରିବା ଆବଶ୍ୟକ ବୋଲି ବିବୃତ୍ତିରେ ଉଲ୍ଲେଖ କରାଯାଇଛି । ବିଜେପି ଏକ ଶୃଙ୍ଖଳିତ ଦଳ, ଦଳରେ କୌଣସି ଅନ୍ତଃକନ୍ଦଳ ନାହିଁ ବରଂ ବିରୋଧୀମାନେ ମିଥ୍ୟା ପ୍ରଚାର କରୁଥିବା କୁହାଯାଇଛି । ଜାଜପୁର ପ୍ରତି ମାନ୍ୟବର ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିତାଙ୍କର ଡେର ସାରା ଅନୁଧ୍ୟାନ ରହିଛି, ଏହାକୁ ବିରୋଧି ସହଜରେ ହଜମ କରିପାରୁନାହାନ୍ତି । ବିରୋଧି ମାନେ ବିଜେପି ବିରୁଦ୍ଧରେ ସୋସିଆଲ ମେଡ଼ିଆରେ ଅପପ୍ରଚାର କରୁଛନ୍ତି । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଯୁବମୋର୍ଚ୍ଚାର ଜିଲ୍ଲା ସଂଯୋଜକ ପ୍ରିୟବ୍ରତ ବିଶ୍ୱାଳଙ୍କ ନେତୃତ୍ୱରେ ଜାଜପୁର ମଣ୍ଡଳ ସଭାପତି କାନ୍ଦଘ ଦାଷ୍ଟିତ, ଶିରଙ୍କର ସାହୁ, ଗପି ସ୍ୱାଇଁ, ଆଦିତ୍ୟ ଜେନା, ଦେବୀ ପ୍ରସାଦ ଦାଶ, ବବୁଲ ନାୟକ, ସୁନୀଲ ଜେନା, ରୋଜେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

ଗ୍ରାଫିକ୍ ଛକରେ ଆମ କାଳୀପୂଜା କମିଟିର ଆକର୍ଷଣ

ଚାଷୁଦେବପୁର, ୧୧/୧୧ (ଆ.ପ୍ର) : ଚାଷୁଦେବ ପୁର ଆମ କାଳୀ ପୂଜା ମଣ୍ଡପ ଆଲୋକମାଳାରେ ଝଲସୁଛି ପୂଜା ମଣ୍ଡପ । ଚାରିପାଟ୍ଟେ ଉତ୍ସବମୟ ପରିବେଶ, ମା'ଙ୍କ ଦର୍ଶନ ପାଇଁ ଜମୁଛି ଶ୍ରଦ୍ଧାଳୁଙ୍କ ଭିଡ଼ । ଧୂମ୍ରଧାମରେ ଚାଲିଛି ମା' କାଳୀଙ୍କ ପୂଜାର୍ଚ୍ଚନା । ଏଭଳି ଏକ ଆଧ୍ୟାତ୍ମିକ ଓ ଉତ୍ସବମୁଖର ପରିବେଶ ଦେଖିବାକୁ ମିଳିଛି ଚାଷୁଦେବପୁର ଟ୍ରାଫିକ୍ ଛକସ୍ଥିତ ଆମ କାଳୀପୂଜା କମିଟି ପକ୍ଷରୁ ଆୟୋଜିତ ପୂଜା ମଣ୍ଡପରେ । ୧୯୮୪ ମସିହାରେ ଆରମ୍ଭ ହୋଇଥିବା ଏହି କାଳୀପୂଜା ଦୀର୍ଘ ବର୍ଷ ଧରି ଉଦ୍ଯାପନ ଆସ୍ଥା ଓ ବିଶ୍ୱାସର ପ୍ରତୀକ ହୋଇ ରହିଛି । ଚଳିତ ବର୍ଷ ନଭେମ୍ବର ୮ ତାରିଖରୁ ଆରମ୍ଭ ହୋଇଥିବା ଏହି ପୂଜା ନଭେମ୍ବର ୨୫ ତାରିଖରେ ଉଦ୍‌ଯାପିତ ହେବ । ପୂଜା ମଣ୍ଡପର ଆକର୍ଷଣୀୟ ସାଜସଜ୍ଜା ସାଙ୍ଗକୁ ଗଙ୍ଗାବେରଣ ଆରୋହଣଙ୍କୀ ଉଦ୍ଭବ ମନ ମୋହୁଛି । ଏଥିସହ ଉଦ୍ଭ ଓ ଦର୍ଶକଙ୍କ ମନୋରଞ୍ଜନ ପାଇଁ ଆୟୋଜନ ହୋଇଛି ଯାତ୍ରା । ଆସନ୍ତା ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ପୂର୍ଯ୍ୟମଞ୍ଜିର ଅପେରା ପକ୍ଷରୁ ଯାତ୍ରା ପରିବେଷଣ କରାଯିବ । ଏହି ଆୟୋଜନରୁ ସଫଳ କରିବାରେ କମିଟିର ସଭାପତି କିଶୋର ଚନ୍ଦ୍ର ମହାପାତ୍ର, ସମ୍ପାଦକ ମାଧବ ଚନ୍ଦ୍ର ପୁହାଣ, ଉପସଭାପତି ବିଜୟ କୁମାର ମହାନ୍ତି, ସହସମ୍ପାଦକ ଜମାଳାନ୍ତ ଦାଶ ଓ କୋଷାଧ୍ୟକ୍ଷ ଘନ୍ତଶ୍ୟାମ ସେଠଙ୍କ ସମେତ ଶ୍ରୀମସେନ ବେହେରା, ଅଜୟ କୁମାର ଦାଶିକ, ବିଜୟ କୁମାର ନାୟକ, ବିନବନ୍ଧୁ ମାଇକ, ଅଭିମନ୍ୟୁ ସାହୁ, ମାନସ ରଞ୍ଜନ ପଟ୍ଟନାୟକ, ଗୋପାଳ ମହାପାତ୍ର ଓ ମନୋରଞ୍ଜନ ପାତ୍ରଙ୍କ ସମେତ କମିଟିର ସମସ୍ତ ସଦସ୍ୟ ସହଯୋଗର ହାତ ବଢ଼ାଇଛନ୍ତି । ଉକ୍ତ ମାନଙ୍କୁ ଉକ୍ତି, ଆସ୍ଥା ଓ ମନୋରଞ୍ଜନର ଏହି ମହାମିଳନ ଟ୍ରାଫିକ୍ ଛକ କାଳୀପୂଜାକୁ ଆହୁରି ଆକର୍ଷଣୀୟ କରିଛି ।

ଚତୁର୍ଦ୍ଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ନବମ ସନ୍ଧ୍ୟା


ଭଦ୍ରକ, ୧୧/୧୧ (ଆ.ପ୍ର) : ଓଡ଼ିଆ ସାରସ୍ୱତ ଜଗତରେ ଭଦ୍ରକ ଭୂଖଣ୍ଡର ବଳିଷ୍ଠ ଭୂମିକା ରହିଛି । ଭଦ୍ରକ ମାଟିର ମଣିଷ ବିପ୍ର କବି ବଂଶୀ ବଲ୍ଲଭ ଗୋସ୍ୱାମୀ, ଲୋକ କବି ଜଗନ୍ନାଥ ପାଣି, କବି ଶେଖର ଚିନ୍ତାମଣି ମହାନ୍ତି, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ଜାତୀୟ କବି ବାଞ୍ଛାନିଧି ମହାନ୍ତି, ଔପନ୍ୟାସିକ ନିତ୍ୟାନନ୍ଦ ମହାପାତ୍ର, କେଶବ କବି କୃଷ୍ଣପ୍ରସାଦ ଦେବେରା, ଗୀତିକାର ନରସିଂହ ମହାପାତ୍ର, ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା ଭଳି ବହୁ ସାରସ୍ୱତ ସାଧକ ଓଡ଼ିଆ ସାହିତ୍ୟ ଜଗତକୁ ସମୃଦ୍ଧ କରିଛନ୍ତ ବୋଲି ଅତୀତରୁ ଆବାସିକ ବିଦ୍ୟାଳୟ, ଚରମ୍ପା ପ୍ରାୟୋଜିତ ତଥା ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଟ୍ରଷ୍ଟ ଆନୁକୂଲ୍ୟରେ ଭଦ୍ରକ ସହର ମନମୋହନ ସଂଗୀତ ପରିଷଦ ପଡ଼ିଆଠାରେ ଆୟୋଜିତ ଚତୁର୍ଦ୍ଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ନବମ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ମହୋତ୍ସବର ନବମ ସନ୍ଧ୍ୟାକୁ ଜାନ୍ତବକି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କୁ ସମ୍ମାନ ଜଣାଇ ଉତ୍ସର୍ଗ କରାଯାଇଥିଲା ଏବଂ ସମାରୋହରେ 'ଓଡ଼ିଆ ସାରସ୍ୱତ ଜଗତକୁ ଭଦ୍ରକର



ଅବଦାନ' ଶୀର୍ଷକରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ମହୋତ୍ସବର କାର୍ଯ୍ୟକାରୀ ସଭାପତି ଅଧ୍ୟାପକ ନାସିର ବକ୍ସଙ୍କ ପୌରୋଧିତ୍ୟରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ଅତଃପର ପ୍ରାପ୍ତ ପ୍ରାଧାପିକା ତଥା ବିଧୁତଲ୍ଲା ଡ. ରାଧାରାଣୀ ମହାପାତ୍ର ମୁଖ୍ୟ ଅତିଥି, ଅତଃପର ପ୍ରାପ୍ତ ଅଧ୍ୟକ୍ଷ ତଥା ସାହିତ୍ୟିକ ଶିବ ଚରଣ ଖାମୁରାଇ ମୁଖ୍ୟ ବକ୍ତା, ଗ୍ରାମ୍ୟ ଉନ୍ନୟନ ଅଧିକାରୀ ତଥା କବି ନିର୍ମଳ ବହୁ ବେହୁରିଆ ବରେଣ୍ୟ ବକ୍ତା, ଓଡ଼ିଶା ଡେଜସ୍ପିନ୍ନ ମହିଳା ସଂଗଠନର ସଭାନେତ୍ରୀ ଲକ୍ଷନା ଜେନା, ସାମାଜିକ କର୍ମୀ ତଥା କବୟିତ୍ରୀ ସୁମିତ୍ରା ପାଣି, ଜଗା ଚାଳର ସାଙ୍ଗ, ପୁରା ଓ ନଦିନୀ ମହିଳା ସଂଗଠନର ସଂଯୋଜିକା ସୁପ୍ରଭା ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ମହୋତ୍ସବ ଓ ପୁସ୍ତକ ମେଳାର ସମ୍ପାଦକ ବବି ନାରାୟଣ ଖୁଣ୍ଟିଆ ଅତିଥିମାନଙ୍କୁ ମଂଚ ନିମନ୍ତ୍ରଣ ଓ ସ୍ୱାଗତ ଭାଷଣ, ଉପସଭାପତି ତଥା ପ୍ରଧାନ ଶିକ୍ଷୟିତ୍ରୀ ଜାନକୀ ପାଢ଼ୀ ଅତିଥି ପରିଚୟ ଓ ଆବାହକ ଅଧ୍ୟାପକ ନାହାର ରଞ୍ଜନ କର ଧନ୍ୟବାଦ ଅର୍ପଣ କରିଥିଲେ । ସହ ସମ୍ପାଦକ ତଥା ଶିକ୍ଷୟିତ୍ରୀ ମନୋରମା ରାୟ ଶ୍ୱେତପାଠା, ସାଂସ୍କୃତିକ ସମ୍ପାଦକ ରାମ ନାରାୟଣ ମାନ୍ତ୍ରି ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ । ନନ୍ଦିନୀ ମହିଳା ସଂଗଠନର ଆନୁକୂଲ୍ୟରେ କୁଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କବି ନାରାୟଣ ବହୁ ପାଢ଼ୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଉଦାହୁ କୁମାର ମହାଜଣା, କବୟିତ୍ରୀ ତେଡାନୀ ଖୁଣ୍ଟିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମହିଳା ଦ୍ୟାନୁ ଗୁପର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

ମା' ସ୍ୱଶାନ କାଳୀଙ୍କୁ ଦର୍ଶନ କଲେ
ବିଧାୟକ ସୌଭିକ ବିଶ୍ୱାଳ

ଟାଙ୍ଗୀତୌଦ୍ୱାର,୧୧/୧୦(ଆପ୍ର)କାଳୀପୂଜା ଅବସରରେ ସାରା ତୌଦ୍ୱାର ସହର ଉତ୍ସବମୁଖର ହୋଇ ଉଠିଥିବା ବେଳେ ଐତିହାସିକ ବିରାଟ ଘାଡ଼ି ସ୍ଥିତ ମା' ସ୍ୱଶାନ କାଳୀ ମନ୍ଦିର ମା' କାଳୀଙ୍କ ପୂଜା



ବହୁ ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି, ମା' ସ୍ୱଶାନ କାଳୀଙ୍କ ମୁଖ୍ୟଦ୍ୱାରର ଡୋରଣରୁ ଦେଖିବା ପାଇଁ ଶ୍ରଦ୍ଧାଳୁମାନଙ୍କ ଦେଶ ଭିଡ଼ ଲାଗୁଥିଲା, ଏହି ଭଡ ଡୋରଣର ଉଦଘାଟନ ଉପଲକ୍ଷେ ବିଧାୟକ ସୌଭିକ ବିଶ୍ୱାଳ ଓ ସ୍ଥାନୀୟ ବିଜେପି ନେତା ବିଶ୍ୱ ବରଣ ପରିଡା ଯୋଗଦେଇଥିବା ବେଳେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ମା' ସ୍ୱଶାନ କାଳୀଙ୍କୁ ଦର୍ଶନ କରି ଦୀପ ଜାଳୁ ଥିବାର ଦେଖିବାକୁ ମିଳିଥିଲା ଶ୍ରଦ୍ଧାଳୁମାନଙ୍କ ପାଇଁ ମନ୍ଦିର ତରଫରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ।

ହବାକ ହାଇସ୍କୁଲ ଛାତ୍ର ଆୟୁଷଙ୍କ ପାଇଁ ଗର୍ବିତ ଜି.ଉଦୟଗିରି

ଜି.ଉଦୟଗିରି, ୧୧/୧୧ (ଆ.ପ୍ର) : ବନ୍ଧମାଳ ଜିଲ୍ଲା ଜି.ଉଦୟଗିରି ସ୍ଥିତ ପିଏମ ଶ୍ରୀ ହବାକ ହାଇସ୍କୁଲର ନବମ ଶ୍ରେଣୀର ଛାତ୍ର ଆୟୁଷ କୁମାର ସାହୁ ଜିଲ୍ଲା ସ୍ତରରୁ ଗଠନ ହୋଇ ୧୬ ବର୍ଷରୁ କମ ବୟସ୍କ ଛେଡ଼ିବଲ ଟିମ ନିମନ୍ତେ ପ୍ରତିଯୋଗିତା ରେ ସାମିଲ ହୋଇଛନ୍ତି । ଜଟକ ଗାଉଟାରୀ ଖଣ୍ଡିଆ ପାରେ ୧୪ ବର୍ଷରୁ କମ ଏବଂ ୧୭ ବର୍ଷ ରୁ କମ ବୟସ ଛିବଲ ଖେଳାଳୀ ମାନଙ୍କ ରାଜ୍ୟସ୍ତରୀୟ ପ୍ରତିଯୋଗିତା ବୁଧବାର ଠାରୁ ଆରମ୍ଭ ହୋଇଥିବା ବେଳେ ଲକ୍ଷ୍ମୀମାରୁ ୨ଟି ଟିମ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାକୁ ଯାଇଥିବା ସୂଚନା ମିଳିଛି । ସେଥିରେ ୧୭ ରୁ କମ ଟିମରେ ସାମିଲ ହୋଇ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ପ୍ରଶଂସା ଅଂଜନ, ବିଦ୍ୟାଳୟ ଏବଂ ନିଜ ପରିବାର



ପାଇଁ ଗୌରବ ଆଣିଛନ୍ତି ଆୟୁଷ । ମଜ୍ଜଳଜାର ନିଜ ଖେଳ ଶିକ୍ଷକ ସତ୍ୟଜିତ ବର୍ମା, ଲୋକ ଆଶିଷ କୁମାର ସେଠି, ପ୍ରଧାପ କୁମାର ସାହୁ ଏବଂ ମ୍ୟାନେଜର ସୁରେନ୍ଦ୍ର କୁମାର ନାୟକଙ୍କ କଟକ ଗାଉଟାରୀକୁ ଯାତ୍ରା କରିଥିଲେ । ବୁଧବାର ଠାରୁ ଲିଗ ପର୍ଯ୍ୟାୟ ମ୍ୟାଚ ଆରମ୍ଭ ହୋଇଥିବା ବେଳେ ଅଂଚଳ ପାଇଁ ଗୌରବ ଆଣିଥିବା ଆୟୁଷକ ଶୁଭାକାଂକ୍ଷୀ ତଥା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରଞ୍ଜିତ ପାଟମାଝି ସହ ସମସ୍ତ ସୌଜିକ ବିଶ୍ୱାଳ ଓ ସ୍ଥାନୀୟ ବିଜେପି ନେତା ବିଶ୍ୱ ବରଣ ପରିଡା ଶିକ୍ଷୟିତ୍ରୀ ଶିକ୍ଷକ ଅଭିନବ ଜଣାଇବା ସହ ସଫଳତା କାମନା କରିଛନ୍ତି । ଏହି ସଫଳତା ପାଇଁ ଆୟୁଷ ନିଜ ବାପା ଡାଟକୃଷ୍ଣ ଦାଶ ଏବଂ ଖେଳ ଶିକ୍ଷକ, କୋଚ ଏବଂ ସାଥୀ ଖେଳାଳୀଙ୍କୁ ଶ୍ରେୟ ଦେଇଛନ୍ତି ।

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସ୍ମୃତି ପୀଠ ଉନ୍ମୋଚନ

ନିମାପଡା, ୧୧/୧୧ (ଆ.ପ୍ର) : ଖଣ୍ଡପାଡି ସ୍ଥିତ ଜାତୀୟସ୍ତରୀୟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସର ମ୍ୟାରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ବହୁ ପ୍ରତିକ୍ଷିତ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଥିଲା । ଉନ୍ମୋଚନ ଉତ୍ସବରେ ଓଡ଼ିଶା ରାଜ୍ୟସଭପ୍ରମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଏବଂ ମଞ୍ଚୀ ପଶୁସମ୍ପଦ ମନ୍ତ୍ରୀ ଗୋଲୋକନାଥ ମଲ୍ଲିକ୍ ଯୋଗଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ । ସମାଜସେବୀ ଧରଣୀଧର ମହାପାତ୍ରଙ୍କ ଦୀର୍ଘ ଦୁଇ ବର୍ଷ ଧରି ଅକ୍ଲାନ୍ତ ପ୍ରଚେଷ୍ଟା ଏବଂ ସମାଜସେବୀ ତଥା ପୁରୀ ଜିଲ୍ଲା ସୂଚନା ଅଧିକାର ଅଭିଯାନର ଆବାହକ ବିବାକର ନାୟକଙ୍କ ସହଯୋଗରୁମେ ମହାପୁରୁଷ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସ୍ମୃତି ମଣ୍ଡପ ଏବଂ ପ୍ରତିମୂର୍ତ୍ତି ଚାଙ୍କର କର୍ମଭୂମି ଅଂଚଳରେ ସ୍ଥାପିତ ହୋଇଥିଲା । ବାହାଙ୍ଗଗୋରଡା ପଂଚାୟତର ସରପଂଚ ପ୍ରତିନିଧି ପ୍ରମୋଦ ପାଇକରାୟ, ସ୍ୱେଚ୍ଛାସେବୀ ସଂଗୋଷ କୁମାର ପରିଡା ଏବଂ ଅଂଚଳର ସମସ୍ତ ସହୃଦୟ ବ୍ୟକ୍ତିମାନଙ୍କ ସହଯୋଗ ତଥା ସହାନୁଭୂତି ଦ୍ୱାରା ଏହି ସ୍ମୃତି ମଣ୍ଡପ ପ୍ରତିଷ୍ଠିତ ହୋଇଥିଲା । ଏହି ଉନ୍ମୋଚନ କାର୍ଯ୍ୟକ୍ରମରେ ନିମାପଡ଼ା ବ୍ଲକର ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ କୁମାର ସାହୁ, ସମାଜସେବୀ ତଥା ସଫାଦାନୀ କୁନ୍ଦର ସୂଚନା ଅଧିକାର କର୍ମୀ ସୁଶିଲ୍ କୁମାର ସାହୁ, ଆଇନଜୀବୀ ସୁଧୀର ମହାନ୍ତି ପ୍ରମୁଖ ଯୋଗଦେଇ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ତ୍ୟାଗ, ମାନବସେବା ଏବଂ ସର୍ବୋପରି ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସେବା ଦିଗରେ ଏ ଅଂଚଳର ୫ ଗୋଟି ବନ୍ୟା ବାତ୍ୟ। ପ୍ରବଣ ପଂଚାୟତର ହଜାର ହଜାର ଜନସାଧାରଣଙ୍କ ପାଇଁ ସେବା ଜନିତ ଦାନ ଉପରେ ଆଲୋକପାତ କରିଥିଲେ । ସମାଜସେବୀ ଧରଣୀଧର ମହାପାତ୍ରଙ୍କ ଆହ୍ୱାନକ୍ରମେ ସମସ୍ତ ସହୃଦୟ ବ୍ୟକ୍ତିମାନଙ୍କ ସହଯୋଗରେ ଆଗାମୀ ଦିନରେ ପଣ୍ଡିତ ଗୋପବନ୍ଧୁଙ୍କ ନୀତି ଆଦର୍ଶକୁ ବହୁଳାଂଶରେ ଭରିତାର୍ଥ ପାଇଁ ପ୍ରଚେଷ୍ଟା ଜାରି ରଖିବ ବୋଲି ଶ୍ରୀ ମହାପାତ୍ର ସଙ୍କଳ୍ପ କରିଥିଲେ ।

ସ୍ୱଦେଶୀ ଚିନ୍ତାଧାରାରେ ଆତ୍ମନିର୍ଭର ରାଷ୍ଟ୍ର ଗଠନର ଆହ୍ୱାନ

କୋରାପୁଟ, ୧୧/୧୧ (ଆ.ପ୍ର) : ସ୍ୱଦେଶୀ ଜାଗରଣ ମଂଚର ପ୍ରତିଷ୍ଠାତା ତଥା ମହାନ ରାଷ୍ଟ୍ରଚିନ୍ତକ ଦତ୍ତୋପନ୍ତ ଠେଙ୍ଗାଡ଼ିଙ୍କ ଜନ୍ମ ଜୟନ୍ତୀ କୋରାପୁଟ ସହରର ପୂରାତିପୁତ୍ତଣ୍ଟ ଗୁରୁକୁଳ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ଏହି ଅବସରରେ ସ୍ୱଦେଶୀ ଜାଗରଣ ମଂଚର ପ୍ରାନ୍ତ ସଂଯୋଜକ ମନୋରଞ୍ଜନ ରାଉତରାୟ ମୁଖ୍ୟ ଅତିଥି ଭାବେ ମଧ୍ୟ ସମାଜ ପାଇଁ ପ୍ରାସଙ୍ଗିକ ବୋଲି ସେ ମତବ୍ୟକ୍ତ କରିଥିଲେ । ଠେଙ୍ଗାଡ଼ିଙ୍କ ଜୀବନୀ, ଆଦର୍ଶ ଓ ରାଷ୍ଟ୍ରଚିନ୍ତନ



ସମ୍ପର୍କରେ ଆଲୋଚପାତ କରିଥିଲେ । ତାଙ୍କର ସ୍ୱଦେଶୀ ଦର୍ଶନ, ଆତ୍ମନିର୍ଭର ଅର୍ଥନୀତି ଓ ସାମାଜିକ ସମରସତାର ବିଚାର ଆଜି ମଧ୍ୟ ସମାନ ପାଇଁ ଯୋଗଦେଇ ଠେଙ୍ଗାଡ଼ିଙ୍କ ବିଚାରକୁ ଲେଖକ ଆଲୋଚନାରେ ସାମିଲ ନରଖି ନିଜ ଜୀବନରେ ଆପଣେଇବା ସହ ସ୍ୱଦେଶୀ ଉତ୍ପାଦର ବ୍ୟବହାର ଓ ଦେଶୀୟ ଉତ୍ପାଦନକୁ ପ୍ରୋତ୍ସାହନ ଦେବାକୁ ସେ ଆହ୍ୱାନ ଦେଇଥିଲେ । ଏଥିସହ ଉପସ୍ଥିତ ବିଦ୍ୟାର୍ଥୀ ଜଣ ସ୍ୱଦେଶୀ ପ୍ରେମୀଙ୍କୁ ସ୍ୱଦେଶୀ ସଂଜ୍ଞକ କରାଯାଇଥିଲେ । କାର୍ଯ୍ୟକ୍ରମରେ ମଂଚର ବିଚାର ବିଭାଗ ପ୍ରମୁଖ ରବିନାରାୟଣ ମିଶ୍ର ଓ ଜିଲ୍ଲା ସଂଯୋଜକ ଭେଙ୍କଟେଶ୍ୱର ମିଶ୍ର ଅତିଥି ଭାବେ ଯୋଗଦେଇଥିଲେ । ଜିଲ୍ଲା ସଂଯୋଜକ ଭେଙ୍କଟେଶ୍ୱର ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ପ୍ରାନ୍ତ ବିଚାର ବିଭାଗ ପ୍ରମୁଖ ରବିନାରାୟଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଶୈଳବ ବିଦ୍ୟା ମାନ୍ଦିର୍ୟାମ୍ବାର ଅଧ୍ୟକ୍ଷ ସୌମେନ୍ଦ୍ର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭେଙ୍କଟରତ୍ନ ପଟ୍ଟନାୟକ, ମୃତ୍ୟୁଞ୍ଜୟ ଶତପଥି, ପ୍ରିୟରଞ୍ଜନ ଦାଶ, ତ୍ରିନାଥ ଗୁରୁ, ଲକ୍ଷ୍ମୀକାନ୍ତ ପାଣିଗ୍ରାହୀ, ଜିଲ୍ଲା ମହିଳା ପ୍ରମୁଖ ଶାରଦା ଖୁଣ୍ଟିଆ, ଜିଲ୍ଲା ପୂର୍ଯ୍ୟଜାଳିକ ରବିକାନ୍ତ ମହାପାତ୍ର ପ୍ରମୁଖ ସହାୟତା କରିଥିଲେ ।

ଗୁଣପୁରରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଅନୁଷ୍ଠିତ ୪୦୦ରୁ ଉର୍ଦ୍ଧ୍ୱ ଚାଷୀଙ୍କ ସମାଗମ, ଦଶ ହିତାଧିକାରୀଙ୍କୁ ଆର୍ଥିକ ସହାୟତା କାର୍ଯ୍ୟାଦେଶ ପ୍ରଦାନ

ଗୁଣପୁର, ୧୧/୧୧ (ଆ.ପ୍ର) : ଗୁଣପୁର ବ୍ଲକ କାର୍ଯ୍ୟାଳୟ ପରିସରସ୍ଥିତ ପଡ଼ିଆରେ ବୁଧବାର ବୃକ୍ଷରୋପଣ ମଞ୍ଚ ଓ ପ୍ରାଣିସମ୍ପଦ ମେଳା-୨୦୨୬ ଉଦ୍ଯାହ ଓ ଲବଣୀପନାର ସହ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକର ସମସ୍ତ ପଂଚାୟତରୁ ୪୦୦ରୁ ଉର୍ଦ୍ଧ୍ୱ ଚାଷୀ ଯୋଗଦେଇ ମତ୍ସ୍ୟଚାଷ ଓ ପ୍ରାଣିପାଳନ ସମ୍ପର୍କରେ ବିଭିନ୍ନ ତଥ୍ୟ ଓ ପରାମର୍ଶ ପାଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଗୋପୂଜା ଓ କୃଷ୍ଣରୋପଣ କରାଯାଇଥିଲା । ପରେ ବଡ଼ ଉତ୍କଳ ଜନନୀ ସଙ୍ଗୀତ ଗାନ ଓ ଦୀପ ପ୍ରଜ୍ୱଳନ ମାଧ୍ୟମରେ ମେଳାର ଶୁଭାରମ୍ଭ ହୋଇଥିଲା । ଗୋଷ୍ଠୀ ପ୍ରତିଯୋଗିତା ଅନୁକାରୀ ତଥା ମେଳା ପରିଚାଳନା କମିଟିର ସାଧାରଣ ସମ୍ପାଦକ ଜାହ୍ନବ ରାଉତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥିମାନେ ବିଭିନ୍ନ ପ୍ରସଙ୍ଗରେ ବକ୍ତବ୍ୟ ରଖିଥିଲେ । ଏଥିରେ ଗୁଣପୁର ଉପ ନିର୍ବାହୀ ଅଧିକାରୀ ବାଷ୍ପ ସ୍ୱାଇଁ ଉଦ୍ଘାଟକ ଭାବରେ ଯୋଗଦେଇ ଉପସ୍ଥିତ ଚାଷୀଙ୍କୁ ସମ୍ବୋଧିତ କରିଥିଲେ ।



ଶ୍ରୀତିର ଆରମ୍ଭ
SEITHO ARAMBHA

ଗୁରୁବାର, ୧୨ ନଭେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮



ପଞ୍ଜାବକୁ ପଳାଇଲେ ହାର୍ଦ୍ଦିକ ପାଣ୍ଡ୍ୟା



ନୂଆଦିଲ୍ଲୀ, ୧୧/୧୧ (ଆ.ପ୍ର) : ଆଇପିଏଲ ଫ୍ରାଚାଇଜ ମୁମ୍ବାଇ ଇଣ୍ଡିଆନ୍ସ ଛାଡେ କ୍ୟାପ୍ଟେନ୍ସାନ । ୨୦୨୪ରୁ ବଦଳ କମାଣ ସମ୍ଭାଳିଥିବା ହାର୍ଦ୍ଦିକ ପାଣ୍ଡ୍ୟା ଏବେ ପଞ୍ଜାବ କିଙ୍ଗସକୁ ଚାଲି ଯାଇଛନ୍ତି । ପାଣ୍ଡ୍ୟାଙ୍କୁ ୧୮ କୋଟି ଟଙ୍କା ଦେଇ ପଞ୍ଜାବ ନେଇଯାଇଛି । ପାଣ୍ଡ୍ୟାକୁ ନେଇ ପଞ୍ଜାବ ଅରିଜିତ ଅର୍ଶଦୀପ ସିଂହଙ୍କୁ ମୁମ୍ବାଇକୁ ପଠାଇ ଦେଇଛି । ଏହି ଅଦଳବଦଳ ପରେ ଆଇପିଏଲର ୫ଥରର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ପ୍ରଥମଥର ପାଇଁ କ୍ୟାପ୍ଟେନ୍ସାନ ହୋଇଯାଇଛି । ତେବୁ ଏବେ ହାର୍ଦ୍ଦିକଙ୍କ ସ୍ଥାନରେ ୨୦୨୬ ଆଇପିଏଲରେ କିଏ ମୁମ୍ବାଇ ଇଣ୍ଡିଆନ୍ସର କ୍ୟାପ୍ଟେନ ହେବେ, ତାଙ୍କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ୨୦୨୪ରେ ରୋହିତ ଶର୍ମାଙ୍କୁ ହଟାଇ ହାର୍ଦ୍ଦିକଙ୍କୁ କମାଣ ଧରାଇଥିଲା ମୁମ୍ବାଇ । ଏବେ ହାର୍ଦ୍ଦିକଙ୍କ ବିଦାୟ ଯୋଗୁ ରୋହିତ ପୁଣି କ୍ୟାପ୍ଟେନ ପଦକୁ ଫେରିପାରନ୍ତି ବୋଲି କୁହାଯାଉଛି । ରୋହିତଙ୍କ ବ୍ୟତୀତ କ୍ୟାପ୍ଟେନ୍ସି ଦୌଡ଼ରେ ତିନିଜଣ ବର୍ମା, ସୂର୍ଯ୍ୟ କୁମାର ଯାଦବ ଓ ଯଶସ୍ପ୍ରୀତ ବୁମ୍ରା ମଧ୍ୟ ରହିଛନ୍ତି । ଏମାନଙ୍କ ମଧ୍ୟରୁ ମୁମ୍ବାଇ ଜଣକୁ କ୍ୟାପ୍ଟେନ କରିପାରେ । ତେବେ ବର୍ତ୍ତମାନ ସ୍ଥିତିରେ ଦଳ ଚରଚରିଆ ଭାବେ କୌଣସି ନିଷ୍ପତ୍ତି ନେବ ନାହିଁ ବୋଲି ସ୍ପଷ୍ଟ କରିଛି । ଦଳ ପକ୍ଷରୁ ଜାରି ଗୋଟିଏ ବିବୃତିରେ କୁହାଯାଇଛି ଯେ "ମୁମ୍ବାଇ ଇଣ୍ଡିଆନ୍ସ ଏବେ ଆଗାମୀ ସିଜିନ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଫ୍ରାଚାଇଜ କ୍ୟାପ୍ଟେନ୍ସି ବିଷୟ ଉପରେ ମଧ୍ୟ ଚିନ୍ତାର କରିବ । ଦଳର କ୍ୟାପ୍ଟେନ୍ସି ନିଷ୍ପତ୍ତି ସମ୍ପର୍କରେ ଉପଯୁକ୍ତ ସମୟରେ ଘୋଷଣା କରାଯିବ ।"

୨୦୨୬ ଆଇପିଏଲର ମିନି ଅକ୍ସନ ଡିସେମ୍ବର ୧୬ ତାରିଖରେ ହେବ । ଏହାପୂର୍ବରୁ ଖେଳାନି ରଣ୍ଟ୍ରାଡ ଓ ଛାଡ଼ିଦାଇ ଶେଷ ତାରିଖ ଦେଇଛି ନଭେମ୍ବର ୧୬ । ତେଣୁ ଏହା ପୂର୍ବରୁ ସବୁ ଫ୍ରାଚାଇଜ ନିଜ ନିଜର ଗଣନାରି ପ୍ରସ୍ତୁତ କରିବାରେ ଲାଗିଛନ୍ତି । ଏନିମନ୍ତେ ମୁମ୍ବାଇ ଓ ପଞ୍ଜାବ ହାର୍ଦ୍ଦିକଙ୍କୁ ନେଇ ଆଇପିଏଲ ଇତିହାସର ସବୁଠାରୁ ବଡ଼ ଟ୍ରେଡ ଡିଲକୁ ବୃତ୍ତାନ୍ତ ରୂପ ଦେଇଛନ୍ତି । ହାର୍ଦ୍ଦିକଙ୍କ ଆଇପିଏଲ ଚେଦ୍ୟୁ ୨୦୧୫ରେ ହୋଇଥିଲା । ସେ ୨୦୧୫ରୁ ୨୦୨୧ ମୁମ୍ବାଇ ଇଣ୍ଡିଆନ୍ସ ସହ ରହିଥିଲେ । ଏହି ସମୟରେ ମୁମ୍ବାଇ ୪ଥର ଟ୍ରଫି ତୋଳି ଧରିଥିଲା । ୨୦୨୨ରେ ସେ ଗୁଜରାଟ ଟାଇଟନ୍ସ ପାଇଁ ଖେଳି ଦଳକୁ ଚାମ୍ପିୟନ କରିଥିଲେ । ୨୦୨୩ରେ ମଧ୍ୟ ଗୁଜରାଟ ତାଙ୍କ କ୍ୟାପ୍ଟେନ୍ସିରେ ଆଇପିଏଲ ଫାଇନାଲ ଖେଳିଥିଲା । କିନ୍ତୁ ୨୦୨୪ରେ ସେ ମୁମ୍ବାଇକୁ କ୍ୟାପ୍ଟେନ ହୋଇଫେରିଥିଲେ । ହେରେ ୨୦୨୪,୨୦୨୫ ଓ ୨୦୨୬ରେ ମୁମ୍ବାଇ ହାର୍ଦ୍ଦିକଙ୍କ ନେତୃତ୍ୱରେ ଉତ୍ସାହଜନକ ପ୍ରଦର୍ଶନ କରି ନଥିଲା । ବ୍ୟକ୍ତିଗତ ଭାବେ ହାର୍ଦ୍ଦିକଙ୍କ ପ୍ରଦର୍ଶନ ମଧ୍ୟ ଆଶ୍ଚର୍ଯ୍ୟଜନକ ରହିନଥିଲା । ଏହିଯୋଗୁଁ ମୁମ୍ବାଇ ତାଙ୍କୁ ପଞ୍ଜାବ ସହ ଅଦଳବଦଳ କରିଛି । ଏବେ ହାର୍ଦ୍ଦିକ ପଞ୍ଜାବ କିଙ୍ଗସ ପାଇଁ ଶ୍ରେୟସ ଆୟରଙ୍କ ଅଧ୍ୟାନରେ ଆଇପିଏଲ ଖେଳିବେ ।

ସାଫ୍ ଚାମ୍ପିଅନସିପ୍ : ମାଳଦ୍ୱୀପକୁ ହରାଇ ସେମିରେ ଭାରତ



ଢାକା, ୧୧/୧୧ (ନ୍ୟୁ.ଏ): ଦକ୍ଷିଣ ଏସୀୟ ଫୁଟ୍‌ବଲ୍ ମହାସଙ୍ଘ (ସାଫ୍) ଫୁଟ୍‌ବଲ୍ ଚାମ୍ପିଅନସିପ୍‌ରେ ଭାରତର ଫାଇନାଲ୍ ଆଶା ଉଜ୍ଜୀବିତ ରହିଛି । ବୁଧବାର ଗ୍ରୁପ୍-ବି'ର ଏକ ମ୍ୟାଚ୍‌ରେ ମାଳଦ୍ୱୀପକୁ ୧-୦ ଗୋଲ୍‌ରେ ହରାଇ ଭାରତ ସେମିଫାଇନାଲ୍‌ରେ ସ୍ଥାନ ପକ୍କା କରି ନେଇଛି । ଦଳ ପକ୍ଷରୁ ସୁହେଲ ଅହମ୍ମଦ ଭଟ୍ ୩୮ତମ ମିନିଟ୍‌ରେ ପେନାଲ୍ଟିରୁ ଏକମାତ୍ର ଗୋଲ୍ ଦେଇଥିଲେ । ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ଭାରତ ପ୍ରାବାଦୀ ପ୍ରଦର୍ଶନ କରିଥିଲା । ଅବଦୁଲ ରବିହଙ୍କୁ ପ୍ରତିପକ୍ଷ ଦଳର ଖେଳାଳି ପେନାଲ୍ଟି ବକ୍ସ ମଧ୍ୟରେ ଫାଉଲ୍ କରିବାରୁ ଭାରତକୁ ପେନାଲ୍ଟି ମିନିଥିଲା । ଏହାକୁ ଗୋଲ୍‌ରେ ପରିଣତ କରି ସୁହେଲ ଭାରତକୁ ଅଗ୍ରଣୀ ଦେଇଥିଲେ । ଏହାପରେ ଆଉ କୌଣସି ଗୋଲ୍ ହୋଇ ନଥିଲା । ଫଳରେ ଭାରତ ସେହି ୧-୦ରେ ବିଜୟୀ ହୋଇଥିଲା । ଏହି ମ୍ୟାଚ୍ ପୂର୍ବରୁ ଭାରତକୁ ସେମିଫାଇନାଲ୍‌ରେ ପହଂଚିବା ପାଇଁ ଅତିକମ୍‌ରେ ଏକ ଡ୍ରା ଆବଶ୍ୟକତା ଥିଲା । ଭାରତୀୟ ଦଳ ବୁଧବାରର ବିଜୟ ସହ ଦଳ କେବଳ ସେମିଫାଇନାଲ୍ ଟିକେଟ୍ ନିଶ୍ଚିତ କରିନାହିଁ, ବରଂ ଗ୍ରୁପ୍-ବି'ର ଶୀର୍ଷ ସ୍ଥାନ ମଧ୍ୟ ଦଖଲ କରିଛି । ପାକିସ୍ତାନ ମଧ୍ୟ ଏହି ଗ୍ରୁପ୍‌ରୁ ସେମିଫାଇନାଲ୍‌ରେ ପ୍ରବେଶ କରିସାରିଛି । ଏଣୁ ଗ୍ରୁପ ଟିର ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ପୁଣି ଥରେ ଫାଇନାଲ୍‌ରେ ମୁହାଁମୁହିଁ ହେବାର ଆଶା ସଂଚାର ହୋଇଛି ।

ପୂର୍ବତନ ଉପରାଷ୍ଟ୍ରପତି ଧନଖଡ ଅସୁସ୍ଥ



ନୂଆଦିଲ୍ଲୀ, ୧୧/୧୧ (ନ୍ୟୁ.ଏ): ପୂର୍ବତନ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଅସୁସ୍ଥ । ତାଙ୍କୁ ଦିଲ୍ଲୀସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍ସ)ର ଜରୁରି-ନ୍ୟୁରୋ ସେଂଟରରେ ଭର୍ତ୍ତି କରାଯାଇଛି । କୁହାଯାଉଛି ଯେ, ବୁଧବାର ସକାଳୁ ମଜ୍ଜି ଖ୍ୱାସ୍‌ରେ ବାହାରିଥିବା ବେଳେ ହଠାତ ବେହୋସ୍ ହୋଇ ସେ ତଳେ ପଡିଯାଇଥିଲେ । ଏହାପରେ ତାଙ୍କୁ ଏମ୍ସରେ ଭର୍ତ୍ତି କରାଯାଇଥିଲା । ମଜ୍ଜି ଖ୍ୱାସ୍ ବେଳେ ତଳେ ପଡିଯିବା ପରେ ସୁରକ୍ଷା କର୍ମୀମାନେ ପ୍ରଥମେ ତାଙ୍କୁ ଏକ ପିସିଆର ଗାଡ଼ିରେ ପଲ୍ସୁ ନେଇଯାଇଥିଲେ । ଧନଖଡ଼ କିଛି ମିନିଟ୍ ପାଇଁ ଅଚେତ ରହିଥିଲେ । ପରେ, ଯେତେବେଳେ ତାଙ୍କ ଅବସ୍ଥା ଅଧିକ ଖରାପ ହୋଇଗଲା, ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଏମ୍ସକୁ ନିଆଯାଇଥିଲା । ପିଟିଆଇ ଅନୁଯାୟୀ, ଧନଖଡ଼ଙ୍କ ବାସଭବନରେ ପହଂଚିବା ପରେ, ଡାକ୍ତର ଓ ଏକ ଡାକ୍ତରୀ ଦଳ ଏମ୍ସର ଡାକ୍ତର ସେଠାପ ଥେଚ ଡାକ୍ତର ପରୀକ୍ଷା କରିଥିଲେ । ତା'ପରେ ତାଙ୍କୁ ହସ୍ପିଟାଲକୁ ନିଆଯାଇଥିଲା । ୭୫ ବର୍ଷୀୟ ଧନଖଡ଼ଙ୍କୁ କାର୍ଡିଓ-ନ୍ୟୁରୋ ସେଂଟରରେ ଭର୍ତ୍ତି କରାଯାଇଛି । ସେ ବର୍ତ୍ତମାନ ହୃଦରୋଗ ବିଭାଗରେ ଅଛନ୍ତି, ଯେଉଁଠାରେ ଡାକ୍ତର ଚିକିତ୍ସା ଚାଲିଛି । ଧନଖଡ଼ଙ୍କ ଅବସ୍ଥା ବିଷୟରେ ଆଉ କୌଣସି ବିସ୍ତୃତ ସୂଚନା ମିଳିପାରିନି । ଏମ୍ସ ପ୍ରଶାସନ ପକ୍ଷରୁ କୌଣସି ସରକାରୀ ବିବୃତି ଜାରି କରାଯାଇ ନାହିଁ । ସେ ବର୍ତ୍ତମାନ ଡାକ୍ତରଙ୍କ ତତ୍ତ୍ୱାବଧାନରେ ଚିକିତ୍ସାଧୀନ ଅଛନ୍ତି । ଧନଖଡ଼ ଅଗଷ୍ଟ ୨୦୨୨ରୁ ଜୁଲାଇ ୨୦୨୫ ପର୍ଯ୍ୟନ୍ତ ଭାରତର ୧୪ତମ ଉପରାଷ୍ଟ୍ରପତି ଭାବରେ କାର୍ଯ୍ୟ କରିଥିଲେ । କାର୍ଡିଓଲୋଜି ବିଭାଗର ଡାକ୍ତରମାନେ ତାଙ୍କ ଚିକିତ୍ସା କରୁଛନ୍ତି । ତେବେ ତାଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ AIIMS ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ଅଫିସିଆଲ ମେଡିକାଲ ବୁଲେଟିନ୍ ଜାରି ହୋଇନାହିଁ । ଧନଖଡ଼ଙ୍କ ସ୍ୱାସ୍ଥ୍ୟ ସମସ୍ୟା ନୂଆ ନୁହେଁ । ଏହା ପୂର୍ବରୁ ଜାନୁଆରୀ ୧୦ରେ ଖୁଶବୁମ୍ବରେ ବୁଲଥର ବେହୋସ୍ ହୋଯାଇଥିଲେ ସେ । ଏହାପରେ ତାଙ୍କୁ ଭୟଙ୍କରଙ୍କର ଗାସ୍ତରବନରେ ପହଂଚିବା ପରେ, ଓଖଧଟ ଓ ଏକ ଡାକ୍ତରୀ ଦଳ ଏମ୍ସର ଡାକ୍ତର ସଦୋପ ଥେଚ ଡାକ୍ତର ପରୀକ୍ଷା କରାଯାଇଥିଲା । ଜ୍ରମାଗତ ସ୍ୱାସ୍ଥ୍ୟ ସମସ୍ୟା ଓ ଡାକ୍ତରଙ୍କ ପରାମର୍ଶକୁ ଆଧାର କରି ସେ ଭାରତର ୧୪ତମ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇଥିଲେ । ସେତେବେଳେ ସୋନିଆ ମିଳିଆରେ ପୋଷ୍ଟ କରି ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେବା ଓ ଡାକ୍ତରୀ ପରାମର୍ଶ ମାନିବା ପାଇଁ ପଦ ଛାଡୁଥିବା କହିଥିଲେ ।

ବ୍ରିଟେନ୍‌ରେ ଭାରତବିରୋଧୀ କାର୍ଯ୍ୟକଳାପ ନେଇ ରାଷ୍ଟ୍ରପତିଙ୍କୁ ୫୦ ପ୍ରବାସୀ ସଂଗଠନର ଚିଠି



ଲଣ୍ଡନ, ୧୧/୧୧ (ନ୍ୟୁ.ଏ): ବ୍ରିଟେନ୍‌ରେ ଭାରତବିରୋଧୀ କାର୍ଯ୍ୟକଳାପ ବୃଦ୍ଧି ପାଇଥିବା ଅଭିଯୋଗ କରି ସେଠାକାର ୫୦ଟି ପ୍ରବାସୀ ଭାରତୀୟ ଓ ସାମାଜିକ ସଂଗଠନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଏକ ଖୋଲା ଚିଠି ଲେଖିଛନ୍ତି । ଗତ ଅକ୍ଟୋବର ମାସରେ ଲଣ୍ଡନରେ ଅନୁଷ୍ଠିତ ଦୂତାବାସ ବିରୋଧୀ ସମାବେଶକୁ ନେଇ ଏହି ସଂଗଠନଗୁଡ଼ିକ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଏହି ବିରୋଧ ପଛରେ ଉଗ୍ରବାଦୀ ଓ ବିଚ୍ଛିନ୍ନତାବାଦୀ ସଂଗଠନଗୁଡ଼ିକର ସମ୍ପୃକ୍ତି ଥିବା ସନ୍ଦେହ ପ୍ରକାଶ କରି ସେମାନେ ନିରପେକ୍ଷ ତଦନ୍ତ ଦାବି କରିଛନ୍ତି । ବିରୋଧକାରି ପାକିସ୍ତାନ ଓ ବାଂଲାଦେଶର ଇସଲାମୀ ସଂଗଠନ ଏବଂ ଖଲିସ୍ତାନ ସମର୍ଥକ ବିଚ୍ଛିନ୍ନତାବାଦୀଙ୍କ ସମ୍ପର୍କ ଥିବାକୁ ସେମାନେ ଅନୁରୋଧ କରିଛନ୍ତି । ଏହି ଚିଠିରେ ହିନ୍ଦୁ କମ୍ୟୁନିଟି ଅର୍ଗାନାଇଜେସନ୍ସ ଗ୍ରୁପ୍, ଇଣ୍ଡିଆନ୍ ଓଭରସିଜ୍ କାନ୍ ଡି ୟୁକେ (ଆଇଓୟୁକେ), ଫ୍ରେଣ୍ଡ୍ସ ଅଫ୍ ଇଣ୍ଡିଆ ସୋସାଇଟି ଇଂଟରନ୍ୟାସନାଲ୍ (ଏଫ୍‌ଆଇଏସ୍‌ଆଇ) ୟୁକେ ଏବଂ ଇଣ୍ଡିଆନ୍ ନ୍ୟାସନାଲ୍ ଷ୍ଟୁଡେଂଟ୍ସ ଆସୋସିଏସନ୍ (ଆଇଏନ୍‌ଏସ୍‌ଏ) ୟୁକେ ସମେତ ୫୦ଟି ସଂଗଠନ ସାମିଲ ହୋଇଛନ୍ତି । ଉକ୍ତ ସଂସ୍ଥାଗୁଡ଼ିକ ପ୍ରେରିତ ଏହି ଚିଠିରେ ଭାରତର ଗଣତାନ୍ତ୍ରିକ ଓ ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକୁ ବିଦେଶରେ ଯୋଜନାବଦ୍ଧ ଭାବେ ବଦନାମ କରିବାକୁ ଉଦ୍ୟମ ହେଉଥିବା ଅଭିଯୋଗ କରାଯାଇଛି । ଚିଠିରେ ଅକ୍ଟୋବର ୧୬ ଓ ୧୭ ତାରିଖରେ ଲଣ୍ଡନରେ ଅନୁଷ୍ଠିତ ଦୂତାବାସ ବିରୋଧୀ ବିକ୍ଷୋଭର ଉଲ୍ଲେଖ ରହିଛି । ଅକ୍ଟୋବର ୧୬ରେ ଷ୍ଟୁଡେଂଟ୍ସ ଫେଡେରେସନ୍ ଅଫ୍ ଇଣ୍ଡିଆ (ଏସ୍‌ଏଫ୍‌ଆଇ)ର ବ୍ରିଟେନ୍ ଶାଖା ପକ୍ଷରୁ ଲଣ୍ଡନସ୍ଥିତ ଭାରତୀୟ ହାଇକମିସନ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା । ପରଦିନ ଅକ୍ଟୋବର ୧୭ରେ ପାର୍ଲାମେଂଟ ସ୍କୋୟାରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଆଉ ଏକ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା । ଏଥିରେ ୟୁଟ୍ୟୁବର ତଥା ସାମାଜିକ ଗଣମାଧ୍ୟମ ବ୍ୟକ୍ତିତ୍ୱ ଧ୍ରୁବ ରାଠୀ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ । ଏହି ବିକ୍ଷୋଭକୁଟିକ ଭାରତରେ ନିର୍ବାଚନ ପ୍ରକ୍ରିୟାକୁ ନେଇ ହୋଇଥିବା ଆନ୍ଦୋଳନ ସମର୍ଥନରେ ଆୟୋଜିତ ହୋଇଥିଲା । ଆନ୍ଦୋଳନକାରୀମାନେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ପଦରୁ ହଟାଇବା ସହ ଲୋକର ପ୍ରତିନିଧିତ୍ୱ ସଂଶୋଧନ (ଏସ୍‌ଆଇଆର) ପ୍ରକ୍ରିୟା ବାତିଲ କରିବାକୁ ଦାବି କରିଥିଲେ । ଭାରତୀୟ ଓଭରସିଜ୍ କଂଗ୍ରେସ ୟୁକେ ଶାଖା ଓ ସାରଥି ଏସିଆ ପଲିଟିକିଟି ଗ୍ରୁପ୍ ଭଳି ସଂଗଠନ ମଧ୍ୟ ଏହି ବିକ୍ଷୋଭ ସହ ସମ୍ପୃକ୍ତ ଥିବା କୁହାଯାଇଛି ।

ଜମ୍ମୁ-କଶ୍ମୀରରେ ଆତଙ୍କବାଦୀ ହମଲା, ଯବାନଙ୍କ କାଉଂଟର ଆଟାକ୍



ନୂଆଦିଲ୍ଲୀ, ୧୧/୧୧ (ନ୍ୟୁ.ଏ): କିଛି ଦିନର ବ୍ୟବଧାନ ପରେ ଜମ୍ମୁ-କଶ୍ମୀରରେ ହୋଇଛି ଆତଙ୍କବାଦୀ ହମଲା । ଆଜି ଆତଙ୍କବାଦୀମାନେ କୁଲଗାମର ଅଞ୍ଚଳର ସ୍ଥିତ କେନ୍ଦ୍ରୀୟ ସୁରକ୍ଷା ବଳ ବା ସିଆରପିଏଫର ଗୋଟିଏ ପୋଷ୍ଟ ଉପରେ କରିଛନ୍ତି ଆକ୍ରମଣ । ଦୁଇ ଜଣ ଆତଙ୍କବାଦୀ ବାଇକରେ ଆସି ଯବାନଙ୍କ ଉପରେ ଗୁଳିମାଡ଼ କରିଥିଲା ଜଣାପଡ଼ିଛି । ମାର ଦବାନ ନିକଟରେ ହୋଇଥିବା ଏହି ଆତଙ୍କବାଦୀ ହମଲାରେ ୩ ଜଣ ଯବାନ ଆହତ ହୋଇଛନ୍ତି । ସେମାନଙ୍କୁ ଏୟାରଲିଫ୍ଟ କରି ହସ୍ପିଟାଲ ନିଆଯାଇଛି । ୩ ଜଣଙ୍କ ମଧ୍ୟରୁ ୨ ଜଣ ଯବାନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ମଧ୍ୟ କୁହାଯାଉଛି । ହମଲା ପରେ ସିଆରପିଏଫର ବ୍ଲିଜ ଗିଆକ୍ସନ ଟିମ ମୌଚାନକୁ ଓହ୍ଲାଇଛି । ସେମାନେ ପୁରା ଅଂଚଳକୁ ଘେରାଉ କରି ଆତଙ୍କବାଦୀଙ୍କୁ ଧରିବାକୁ ଉଦ୍ୟମ କରୁଛନ୍ତି । ସେହିପରି ଏହି ସର୍ଚ୍ଚ ଅପରେସନ ବେଳେ ଉତ୍ତରୀୟ ପକ୍ଷ ମଧ୍ୟରେ ଗୁଳି ବିନିମୟ ହୋଇଥିବା ଖବର ମିଳିଛି । ଏବେ ସେହି ପୁରା ଅଂଚଳରେ ଉତ୍ତେଜନା ଲାଗି ରହିଥିବା ବେଳେ ଯବାନମାନେ ଲାଉଂଚର ଆଟାକ କରୁଛନ୍ତି । ସେହିପରି ବିନିନ୍ନୁ ସ୍ଥାନରେ ଜାକାବନ୍ଦୀ ହମାଯାଇ ବିନିନ୍ନୁ ଗାଡ଼ିକୁ ତଳତଳ କରି ଯାଂଚ କରାଯାଉଛି । କିନ୍ତୁ ଏଯାଏ ବାଇକରେ ଆସି ହମଲା କରିଥିବା ଆତଙ୍କବାଦୀଙ୍କ ସମ୍ପର୍କରେ କିଛି ବି ସୂଚନା ମିଳିନାହିଁ ।


ଏନ୍‌ସିପି ମିଶ୍ରଣକୁ ନେଇ ଦ୍ୱନ୍ଦ୍ୱ ବଢ଼ାଇଲେ ସୁନେତ୍ରା

ମୁମ୍ବାଇ, ୧୧/୧୧ (ନ୍ୟୁ.ଏ): ଏନ୍‌ସିପି ଓ ଏନ୍‌ସିପି (ଏସ୍‌ପି)ର ସମ୍ଭାବ୍ୟ ମିଶ୍ରଣକୁ ନେଇ ଚର୍ଚ୍ଚା ଜୋର ଧରିଥିବାବେଳେ ଏ ସଂକ୍ରାନ୍ତରେ ଆଜି ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ସୁନେତ୍ରା ପାୱାରଙ୍କୁ ପ୍ରଶ୍ନ କରାଯାଇଥିଲା । ତେବେ ଏହାର ଉତ୍ତରରେ ସେ କହିଥିଲେ, ସମୟ ଆସିଲେ ଆପଣମାନେ ସମସ୍ତେ ସବୁକିଛି ଜାଣିବେ । ଚାରାମାତାରେ ଏକ ସାମାଜିକ ସମ୍ମିଳନୀରେ ସୁନେତ୍ରା କହିଥିଲେ, ଆଜିର ସାମାଜିକ ସମ୍ମିଳନୀ ଏକ ଭିନ୍ନ ପ୍ରସଙ୍ଗକୁ ନେଇ ଆୟୋଜିତ ହୋଇଛି । ମୁଁ ଜାଣେ, ଆପଣମାନେ ସମସ୍ତେ ଅନ୍ୟ ଏକ ପ୍ରସଙ୍ଗକୁ ନେଇ ଉତ୍ସାହିତ ଅଛନ୍ତି । କିନ୍ତୁ ସମୟ ଆସିଲେ ସବୁକିଛି ଜାଣିପାରିବେ । ଉଲ୍ଲେଖଯୋଗ୍ୟ ଶିବସେନା (ୟୁବିଟି) ସାଂସଦ ସଞ୍ଜୟ ରାଉତ ଦାବି କରିଛନ୍ତି ଯେ ଏନ୍‌ସିପିର ୨୦ରୁ ୨୨ ଜଣ ବିଧାୟକ ଦଳ ଛାଡ଼ିବାକୁ ବିଚାର କରୁଛନ୍ତି । ସେମାନେ ଶରଦ ପାୱାରଙ୍କୁ ମଧ୍ୟ ଭେଟିଛନ୍ତି ।

ଆସାମରେ କୋଲକାତା-ସାଇରାଙ୍ଗ ଏକ୍ସପ୍ରେସ୍ ଲାଇନ୍‌ଚ୍ୟୁତ

ଗୁୱାହାଟୀ, ୧୧/୧୧ (ନ୍ୟୁ.ଏ): ଆସାମରେ ବୁଧବାର ସକାଳେ କୋଲକାତାରୁ ମିଜୋରାମ୍‌ର ସାଇରାଙ୍ଗ ଯାଉଥିବା କୋଲକାତା-ସାଇରାଙ୍ଗ ଏକ୍ସପ୍ରେସ୍ ଲାଇନ୍‌ଚ୍ୟୁତ ହୋଇଛି । ଗୁୱାହାଟୀ ଉପକଣ୍ଠ କାମରୂପ ମହାନଗର ଜିଲ୍ଲାର ଦିଗାରୁ ରେଳଷ୍ଟେସନ୍ ନିକଟରେ ଏହି ଦୁର୍ଘଟଣା ଘଟିଛି । ଟ୍ରେନ୍‌ର ଇଞ୍ଜିନ୍ ଓ ପାଂଚଟି ଯାତ୍ରୀବାହୀ ବଗି ରେଳଧାରଣାରୁ ଖସିଯାଇଛି । ପ୍ରାରମ୍ଭିକ ସୂଚନାରେ ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ରେଳବାଇ କହିଥିବାବେଳେ ପରବର୍ତ୍ତୀ କେତେକ ରିପୋର୍ଟରେ ଯାତ୍ରୀ ଆହତ ହୋଇଥିବା ଖବର ମିଳିଛି । ଆହତଙ୍କ ସଂଖ୍ୟା ସ୍ପଷ୍ଟ ସୂଚନା ମିଳିନାହିଁ । ଉତ୍ତର-ପୂର୍ବ ସୀମାନ୍ତ ରେଳବାଇ (ଏନ୍‌ଏଫ୍‌ଆର)ର ସୂଚନା ଅନୁଯାୟୀ, ଟ୍ରେନ୍ ନମ୍ବର ୧୩୧୨୫ ବୁଧବାର ସକାଳ ପ୍ରାୟ ୬ଟା ୫୪ ମିନିଟ୍‌ରେ ଡିଗାରୁ ଷ୍ଟେସନ୍‌ରେ ପହଂଚିବାବେଳେ ଏହି ଘଟଣା ଘଟିଥିଲା । ଏହି ସମୟରେ ଲୋକୋ ପାଇଲଟ୍, ଟ୍ରେନ୍‌ର ବେଗ ନିୟନ୍ତ୍ରଣ କରିପାରି ନ ଥିବାରୁ ଇଞ୍ଜିନ୍ ଓ ପାଂଚଟି ବଗି ଲାଇନ୍‌ଚ୍ୟୁତ ହୋଇଥିବା ରେଳବାଇର ପ୍ରାରମ୍ଭିକ ବିବୃତିରେ କୁହାଯାଇଛି । ଘଟଣା ପରେ ତୁରନ୍ତ ଉଦ୍ଧାର ଓ ମରାମତି କାର୍ଯ୍ୟ ଆରମ୍ଭ ହୋଇଥିଲା । ଉତ୍ତର-ପୂର୍ବ ସୀମାନ୍ତ ରେଳବାଇର ମହାପ୍ରବନ୍ଧକ ବିବେକ ଖରେଟ ସମେତ ବରିଷ୍ଠ ଅଧିକାରୀମାନେ ଦୁର୍ଘଟଣାସ୍ଥଳକୁ ଯାଇଥିଲେ । ଅତଏବ ରହିଥିବା ଯାତ୍ରୀମାନଙ୍କୁ ଗନ୍ତବ୍ୟସ୍ଥଳରେ ପହଂଚାଇବା ପାଇଁ ବିକଳ୍ପ ଟ୍ରେନ୍‌ର ବ୍ୟବସ୍ଥା କରାଯାଇଥିଲା । ଦୁର୍ଘଟଣା ଯୋଗୁଁ ଏହି ରୁଟ୍‌ରେ ଅନ୍ୟ କେତେକ ଟ୍ରେନ୍ ବଚାଚଳ ମଧ୍ୟ ପ୍ରଭାବିତ ହୋଇଥିବା ଖବର ମିଳିଛି । ଅନ୍ୟପକ୍ଷରେ ଦୁର୍ଘଟଣା ପୂର୍ବରୁ ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହୋଇଛି ।

ପିଏମ୍ ପଦ ଛାଡ଼ି 'ସୁପର ପିଏମ୍' ହୋଇଥିଲେ ସୋନିଆ: ସୁଧାଂଶୁ ତ୍ରିବେଦୀ



ନୂଆଦିଲ୍ଲୀ, ୧୧/୧୧ (ନ୍ୟୁ.ଏ): ୨୦୦୪ରେ ପ୍ରଧାନମନ୍ତ୍ରୀ ପଦ ଗ୍ରହଣ କରିବାକୁ ମନା କରିଥିବା ସୋନିଆ ଗାନ୍ଧୀ ପରବର୍ତ୍ତୀ ସମୟରେ 'ସୁପର ପିଏମ୍' ଭାବେ କାର୍ଯ୍ୟ କରିଥିଲେ ବୋଲି ଅଭିଯୋଗ କରିଛନ୍ତି ବିଜେପି ସାଂସଦ ତଥା ଜାତୀୟ ମୁଖପାତ୍ର ସୁଧାଂଶୁ ତ୍ରିବେଦୀ । ସୋନିଆଙ୍କ ନୂଆ ଆତ୍ମଜୀବନୀ 'ବିଇଂଗ: ଏ ଜର୍ଣ୍ଣି ଅଫ୍ ଇଭ୍' ପ୍ରକାଶ ପାଇବା ପରେ ଏହାକୁ ନେଇ ରାଜନୈତିକ ବିବାଦ ଆରମ୍ଭ ହୋଇଛି । ବୁଧବାର ନୂଆଦିଲ୍ଲୀସ୍ଥିତ ବିଜେପି ମୁଖ୍ୟାଳୟରେ